BJMC -2
Block -3

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ODISHA STATE OPEN UNIVERSITY, SAMBALPUR

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**Odisha State Open University**
**Sambalpur**

# ସ୍ନାତକ କଳା (ସମ୍ମାନ) କାର୍ଯ୍ୟକ୍ରମ
# ସାମ୍ବାଦିକତା ଓ ଗଣଯୋଗାଯୋଗ

## ଗଣମାଧ୍ୟମ ଓ ଯୋଗାଯୋଗର ପରିଚୟ

### ସଂସ୍କୃତିଗତ ପ୍ରଭାବ ଓ ବିକଳ୍ପ ଢାଞ୍ଚାର ଉଦ୍ଭବ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ସ୍ନାତକ କଳା (ସମ୍ମାନ) କାର୍ଯ୍ୟକ୍ରମ

## ସାମ୍ବାଦିକତା ଓ ଗଣ ଯୋଗାଯୋଗ (BJMC)

ପାଠ୍ୟକ୍ରମ - ୨
ଗଣମାଧ୍ୟମ ଓ ଯୋଗାଯୋଗର ପରିଚୟ

ବ୍ଲକ୍

## ୩ ସଂସ୍କୃତିଗତ ପ୍ରଭାବ ଓ ବିକଳ୍ପ ଢାଞ୍ଚାର ଉଦ୍ଭବ

ପ୍ରଥମ ଏକକ
ଗଣମାଧ୍ୟମର ଆଦର୍ଶ ତତ୍ତ୍ୱ

ଦ୍ୱିତୀୟ ଏକକ
ଢାଞ୍ଚା ସମୀକ୍ଷାର ପ୍ରଭାବ : ବିକଳ୍ପ ଢାଞ୍ଚାର ଉଦ୍ଭବ

ତୃତୀୟ ଏକକ
କାର୍ଯ୍ୟସୂଚୀ ପ୍ରସ୍ତୁତି ଓ ସ୍ପାଇରାଲ ଅଫ ସାଇଲେନ୍‌ସ (ନୀରବ ଘୂର୍ଣ୍ଣନ)

ଚତୁର୍ଥ ଏକକ
ଆହରଣ ତତ୍ତ୍ୱ

ବି.ଏ. (ସମ୍ମାନ) ଶ୍ରେଣୀ ନିମନ୍ତେ ୟୁଜିସି ଦ୍ୱାରା ନିର୍ଦ୍ଧାରିତ ପାଠ୍ୟକ୍ରମ ଅନୁସରଣରେ ଏହା ପ୍ରସ୍ତୁତ କରାଯାଇଛି ।
ଚଏସ୍ ବେସ୍‌ଡ କ୍ରେଡିଟ୍ ସିଷ୍ଟମ (ସିବିସିଏସ୍) ଅଧିନରେ ସାମ୍ବାଦିକତା ।

**ପାଠ୍ୟକ୍ରମ : ୨**

**ବ୍ଲକ୍ : ୩**

**ପ୍ରଥମ ସଂସ୍କରଣ : ୨୦୨୦**

**ଲେଖକ : ସମ୍ବିତ ପାଲ**
ସହକାରୀ ପ୍ରଧ୍ୟାପକ, ଆଇ.ଆଇ.ଏମ୍.ସି., ଢେଙ୍କାନାଳ ।

**ସମୀକ୍ଷକ : ଡକ୍ଟର ଆଶିଶ୍ କୁମାର ଦ୍ୱିବେଦୀ,**
ବରିଷ୍ଠ ଶୈକ୍ଷିକ ପରାମର୍ଶଦାତା, ସାମ୍ବାଦିକତା ଓ ଗଣଯୋଗାଯୋଗ କାର୍ଯ୍ୟକ୍ରମ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

**ଓଡ଼ିଆ ଅନୁବାଦକ : ଦେବୀଦତ୍ତ ପତି**
ବରିଷ୍ଠ ସାମ୍ବାଦିକ, ଭୁବନେଶ୍ୱର ।

**ଓଡ଼ିଆ ସମୀକ୍ଷକ : ରାମଚଣ୍ଡୀ ପ୍ରସାଦ ରଣସିଂହ**
ବାର୍ତ୍ତା ସମ୍ପାଦକ, ଓଡ଼ିଆ ସ୍ୱଟ୍ ନ୍ୟୁଜ୍, ଭୁବନେଶ୍ୱର ।

**ଅଳଙ୍କରଣ : ଲିପିନା ସାହୁ**
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ।

## ପ୍ରକାଶକ

**ଡକ୍ଟର ମାନସ ରଞ୍ଜନ ପୂଜାରୀ**

କୁଳସଚିବ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ

© OSOU, 2020. **"ସଂସ୍କୃତିଗତ ପ୍ରଭାବ ଓ ବିକଳ୍ପ ଢାଞ୍ଚାର ଉଦ୍ଭବ"** is made available under a Creative Commons Attribution-ShareAlike 4.0http : creative commons.org/ licences/by-sa/4.0

# ପ୍ରଥମ ଏକକ : ଗଣମାଧ୍ୟମର ଆଦର୍ଶ ତତ୍ତ୍ୱ

**ବିଷୟ ଗଠନ :**


୧.୧ ପଠନର ଉଦ୍ଦେଶ୍ୟ

୧.୨ ଉପକ୍ରମଣିକା

୧.୩ କମ୍ୟୁନିଷ୍ଟ ତତ୍ତ୍ୱ ବା ସୋଭିଏତ୍ ଗଣମାଧ୍ୟମ ତତ୍ତ୍ୱ

୧.୪ ଆଜ୍ଞାନୁବାଦୀ ତତ୍ତ୍ୱ

୧.୫ ଉଦାରବାଦୀ ତତ୍ତ୍ୱ

୧.୬ ସାମାଜିକ ଦାୟିତ୍ୱବୋଧ ତତ୍ତ୍ୱ

୧.୭ ବିକାଶବାଦୀ ଯୋଗାଯୋଗ ତତ୍ତ୍ୱ

୧.୮ ଗଣତାନ୍ତ୍ରିକ ସହଯୋଗୀ ଗଣମାଧ୍ୟମ ତତ୍ତ୍ୱ

୧.୯ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ


## ୧.୧ ପଠନର ଉଦ୍ଦେଶ୍ୟ

ଏହି ଅଧ୍ୟାୟ ସମାପ୍ତ ପରେ ଆମେ ନିମ୍ନଲିଖିତ ବିଷୟ ସମ୍ପର୍କରେ ଅବଗତ ହୋଇପାରିବା

- ଗଣମାଧ୍ୟମର ଆଦର୍ଶ ତତ୍ତ୍ୱରେ ନିହିତ ମୁଖ୍ୟ ମତବାଦ ସମ୍ପର୍କରେ ଜାଣିପାରିବା ।
- ସମୟକ୍ରମେ ବିଭିନ୍ନ ଆଦର୍ଶ ତତ୍ତ୍ୱର କ୍ରମବିକାଶ ସମ୍ପର୍କରେ ଧାରଣା ପାଇପାରିବା ।

## ୧.୨ ଉପକ୍ରମଣିକା

ନିଜର 'ଫୋର ଥିଓରିଜ୍ ଅଫ ଦି ପ୍ରେସ'ରେ ଫ୍ରେଡ୍ ସିବର୍ଟ, ଥିଓଡର ପିଟରସନ ଓ ୱିଲବର ସ୍କରାମ ଗଣମାଧ୍ୟମ ପାଇଁ କେତେକ ନୂଆ ଆଦର୍ଶ ତତ୍ତ୍ୱର ପ୍ରସ୍ତାବ ରଖିଛନ୍ତି । ଯେକୌଣସି ପ୍ରକାର ସରକାରୀ, କର୍ତ୍ତୃପକ୍ଷ ଓ ନେତୃତ୍ୱ ଅଧୀନରେ ଗଣମାଧ୍ୟମ କାର୍ଯ୍ୟ କରିବାର ଉପଯୁକ୍ତ ଉପାୟ ଆଦର୍ଶ ତତ୍ତ୍ୱରେ ଉଲ୍ଲେଖିତ କରାଯାଇଛି । ଏହି ତତ୍ତ୍ୱକୁ ବହୁ ସମୟରେ ଗଣମାଧ୍ୟମର ପାଶ୍ଚାତ୍ୟ ତତ୍ତ୍ୱ ବୋଲି କୁହାଯାଇଥାଏ । ଆଦର୍ଶ ତତ୍ତ୍ୱରେ ବର୍ଣ୍ଣିତ ମତବାଦଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା ।

୧. କମ୍ୟୁନିଷ୍ଟ ତତ୍ତ୍ୱ ବା ସୋଭିଏତ୍ ଗଣମାଧ୍ୟମ ତତ୍ତ୍ୱ

୨. ଆଜ୍ଞାନୁବାଦୀ ତତ୍ତ୍ୱ

୩. ଉଦାରବାଦୀ ତତ୍ତ୍ୱ

୪. ସାମାଜିକ ଦାୟିତ୍ୱବୋଧ ତତ୍ତ୍ୱ

ଏହି ତତ୍ତ୍ୱଗୁଡ଼ିକ ମୁଖ୍ୟତଃ ଗଣମାଧ୍ୟମ ମାଲିକାନା, କେଉଁ ଦେଶର ଗଣମାଧ୍ୟମ ଓ ଗଣମାଧ୍ୟମ କାହା ଦ୍ୱାରା ନିୟନ୍ତ୍ରିତ ଆଦି ସମ୍ପର୍କିତ ଅଟେ । ସାମାଜିକ ସମୀକ୍ଷକ, ଗଣମାଧ୍ୟମ ପେସାଦାର ଓ ବିଦ୍ୱାନଙ୍କ ମିଳିତ ଚିନ୍ତାଧାରାରୁ ଏହି ତତ୍ତ୍ୱ ପ୍ରସ୍ତୁତ ହୋଇଛି । ଏଥିରେ କୌଣସି ବିଜ୍ଞାନଗତ ସ୍ପଷ୍ଟୀକରଣ ବା ଆକଳନ ପ୍ରଦାନ କରାଯାଇ ନ ଥିବାରୁ ଏହି ତତ୍ତ୍ୱ ଅନ୍ୟଠାରୁ ଭିନ୍ନ ଅଟେ । ଗଣମାଧ୍ୟମ ଓ ଜନଗଣଙ୍କ ମଧ୍ୟରେ ସମ୍ପର୍କ ବିଷୟରେ ଏଥିରେ ଉଲ୍ଲେଖ କରା ନ ଯାଇ ଗଣମାଧ୍ୟମ ଓ ସରକାରଙ୍କ ମଧ୍ୟରେ ସମ୍ପର୍କ ବିଷୟରେ ଦୃଷ୍ଟିନିବଦ୍ଧ କରାଯାଇଛି।

## ୧.୩ କମ୍ୟୁନିଷ୍ଟ ତତ୍ତ୍ୱ ବା ସୋଭିଏତ୍ ଗଣମାଧ୍ୟମ ତତ୍ତ୍ୱ

କମ୍ୟୁନିଜିମ୍ ଚିନ୍ତାଧାରା ସହ ଗଣମାଧ୍ୟମ ମଧ୍ୟକୁ କମ୍ୟୁନିଷ୍ଟ ତତ୍ତ୍ୱର ପ୍ରବେଶ ଘଟିଲା । ଊନବିଂଶ ଶତାବ୍ଦୀରେ ଏପ୍ରକାର ତତ୍ତ୍ୱ ସଂପର୍କରେ ଜର୍ଜ ଡବ୍ଲ୍ୟୁ. ଏଫ୍ ହେଗେଲ ଏବଂ ପରବର୍ତ୍ତୀ ସମୟରେ ଏଞ୍ଜେଲଙ୍କ ସହ କାର୍ଲ ମାର୍କ୍ସ ଚିନ୍ତା କରିଥିଲେ । କାର୍ଲ ମାର୍କ୍ସଙ୍କ ମତରେ ସମାଜବାଦ ବ୍ୟବସ୍ଥା ଶାସନ ପ୍ରତି ଗଣମାଧ୍ୟମ ଦାୟିତ୍ୱବଦ୍ଧ ହେବା ସହ ଏସଂକ୍ରାନ୍ତ ସାମାଜିକ ନୀତି କାର୍ଯ୍ୟକାରିତା ଦିଗରେ କମ୍ୟୁନିଷ୍ଟ ଗଣମାଧ୍ୟମ ସହାୟତା କରିବା ଆବଶ୍ୟକ । ୧୯୧୭ ମସିହାରେ ପୂର୍ବତନ ସୋଭିଏତ ୟୁନିୟନରେ କମ୍ୟୁନିଷ୍ଟ ତତ୍ତ୍ୱ ଗଣମାଧ୍ୟମର ବାସ୍ତବ ଉପଯୋଗ କରାଯାଇଥିଲା । ଫଳରେ ଏହି ତତ୍ତ୍ୱ ସୋଭିଏତ ଗଣମାଧ୍ୟମ ତତ୍ତ୍ୱ ଭାବେ ପରିଚିତ ହେଲା ।

ଏହି ତତ୍ତ୍ୱ ଅନୁଯାୟୀ ସରକାର ଗଣମାଧ୍ୟମକୁ ନିୟନ୍ତ୍ରଣ କରିଥାନ୍ତି ଏବଂ ଏହା ଉପରେ ସମସ୍ତ ପ୍ରକାର କ୍ଷମତା ପ୍ରୟୋଗ କରିଥାନ୍ତି । ଗଣମାଧ୍ୟମ ନିୟନ୍ତ୍ରଣ ଜରିଆରେ ସରକାର ନିଜ ମତବାଦର ପ୍ରସାର ଓ ପ୍ରଚାର କରାଇଥାନ୍ତି । ଗଣମାଧ୍ୟମର ମାଲିକାନା ରାଷ୍ଟ୍ର ବା କମ୍ୟୁନିଷ୍ଟ ଦଳ ନିକଟରେ ରହିଥାଏ। କମ୍ୟୁନିଷ୍ଟବାଦକୁ ବାଧାପ୍ରାପ୍ତ କରିବା ଏକ ଅପରାଧ । ସରକାରୀ କାର୍ଯ୍ୟଧାରାରୁ ଜନସାଧାରଣଙ୍କୁ ଦୂରେଇ ରଖାଯାଏ ଏବଂ ନାଗରିକଙ୍କୁ ଅସଂଯତ ଓ ନିର୍ବୋଧ ବିବେଚନା କରାଯାଇଥାଏ । ଶାସକ ଯାହା କହିଥାନ୍ତି ତାହା ହିଁ ଶାସନର ପଦ୍ଧତି ହୋଇଥାଏ ।

**ତତ୍ତ୍ୱର ଲକ୍ଷଣ :**

- କମ୍ୟୁନିଷ୍ଟ ମତବାଦକୁ ଗଣମାଧ୍ୟମ ଅନୁସରଣ କରିଥାନ୍ତି ।
- ପ୍ରଚାର ପାଇଁ ଗଣମାଧ୍ୟମର ଉପଯୋଗ କରାଯାଇଥାଏ ।
- ଗଣମାଧ୍ୟମ ସରକାରୀ ଅସ୍ତ୍ର ଭାବେ ବିବେଚିତ ହୋଇଥାଏ ।
- ଗଣମାଧ୍ୟମ ସମ୍ପୂର୍ଣ୍ଣ ଭାବେ ରାଷ୍ଟ୍ର ମାଲିକାନା ଓ ନିୟନ୍ତ୍ରଣରେ ରହିଥାଏ ।
- ଦଳୀୟ ସମାଲେଚନାକୁ ଅପରାଧ ଭାବେ ବିବେଚନା କରାଯାଏ।

**ମତବାଦର ସମୀକ୍ଷା :**

- ଜନସାଧାରଣଙ୍କୁ ପ୍ରଦତ୍ତ ପ୍ରଚାରଭିତ୍ତିକ ସୂଚନା ମୁଖ୍ୟତଃ ମିଥ୍ୟା ଉପରେ ପର୍ଯ୍ୟବେକ୍ଷିତ
- ଅଧିକ ନିୟନ୍ତ୍ରଣ ଦ୍ୱାରା ଅଧିକ ଅପରାଧ

- ନେତା ହେଉଛନ୍ତି ଚୂଡ଼ାନ୍ତ କର୍ତ୍ତୃପକ୍ଷ, ନାଗରିକଙ୍କ ପ୍ରତି ଗୁରୁତ୍ୱ ନାହିଁ ।
- ଗଣମାଧ୍ୟମ ଜାଗ୍ରତ ପ୍ରହରୀର ଦାୟିତ୍ୱ ତୁଲାଇ ନ ଥାଏ ।

## ୧.୪ ଆଜ୍ଞାନୁବାଦୀ ତତ୍ତ୍ୱ

ଆଜ୍ଞାନୁବାଦୀ ତତ୍ତ୍ୱରେ ଯୋଗାଯୋଗ ନିୟନ୍ତ୍ରଣ କ୍ଷମତା ସରକାର ବା ସଂଭ୍ରାନ୍ତଙ୍କ ନିକଟରେ ରହିଥାଏ । ଗଣମାଧ୍ୟମକୁ ଅନୁମତି ପ୍ରଦାନଠାରୁ ଆରମ୍ଭ କରି ଯାଞ୍ଚ ଆଦିର କ୍ଷମତା କର୍ତ୍ତୃପକ୍ଷଙ୍କ ନିକଟରେ ନ୍ୟସ୍ତ ଥାଏ । ଏଥିରେ ପ୍ରତିଷ୍ଠିତ କର୍ତ୍ତୃପକ୍ଷଙ୍କୁ ନ୍ୟୂନ କରିବା ଭଳି କୌଣସି ଖବର ପ୍ରକାଶ ବା ପ୍ରସାରଣ କରାଯାଇପାରିବ ନାହିଁ ଏକଛତ୍ରବାଦତ୍ୱ ସମୟରେ ଏହି ତତ୍ତ୍ୱର ଉପଯୋଗ କରାଯାଇଥାଏ । ରାଷ୍ଟ୍ରର ସୂଚନା ଜନତାଙ୍କୁ ପ୍ରଦାନ କରାଗଲେ ଏହା ରାଷ୍ଟ୍ର ପ୍ରତି ବିପଦ ସୃଷ୍ଟି କରିପାରେ ବୋଲି ଏହି ତତ୍ତ୍ୱରେ ବିଶ୍ୱାସ କରାଯାଏ । ମୁଖ୍ୟତଃ ଯୁଦ୍ଧ ଓ ଜରୁରୀକାଳୀନ ସମୟରେ ଏହି ତତ୍ତ୍ୱ ଯୁକ୍ତିଯୁକ୍ତ ।

**ଆଜ୍ଞାନୁବାଦୀ ତତ୍ତ୍ୱର ଲକ୍ଷଣ :**

- ସରକାର ବା କର୍ତ୍ତୃପକ୍ଷଙ୍କ ଦ୍ୱାରା ଗଣମାଧ୍ୟମ ଉପରେ ପ୍ରତ୍ୟକ୍ଷ ନିୟନ୍ତ୍ରଣ ।
- ଗଣମାଧ୍ୟମ ନିୟନ୍ତ୍ରଣ ପାଇଁ କ୍ଷମତା ଉପଯୋଗ ।
- ସରକାର ଓ ଏହାର କାର୍ଯ୍ୟ, ନିଷ୍ପତ୍ତି ଓ ନୀତିର ସମାଲୋଚନା କରିବା କ୍ଷମତା ଗଣମାଧ୍ୟମର ନ ଥାଏ।
- ଶାସକ ଦଳକୁ ଗଣମାଧ୍ୟମ ସମାଲୋଚନା କରିପାରେ ନାହିଁ ।
- ସରକାରୀ ନିୟମର ବିରୁଦ୍ଧାଚରଣକାରୀଙ୍କ ପ୍ରତି ଚେତାବନୀ ଓ ଦଣ୍ଡବିଧାନ ହୋଇଥାଏ ।
- ସରକାରୀ ବିରୋଧୀ କାର୍ଯ୍ୟ ପାଇଁ ଗଣମାଧ୍ୟମର ପଞ୍ଜୀକରଣ ବାତିଲ କରାଯାଇଥାଏ ।
- ଗଣମାଧ୍ୟମ ପ୍ରକାଶନ ଓ ପ୍ରସାରଣରେ ସୀମାରେଖା ରହିଥାଏ ।
- ସରକାରୀ କ୍ଷମତା ବୃଦ୍ଧି ଉଦ୍ଦେଶ୍ୟରେ କର୍ତ୍ତୃପକ୍ଷ ଗଣମାଧ୍ୟମକୁ ଦଳୀୟ ପ୍ରଚାର ମାଧ୍ୟମ ଓ ଅସ୍ତ୍ର ଭାବେ ବ୍ୟବହାର କରିଥାନ୍ତି ।

**ଉଦାହରଣ :**

ଆଭ୍ୟନ୍ତରୀଣ ନିରାପତ୍ତା ଉଦ୍ଦେଶ୍ୟରେ କେତେକ ରାଷ୍ଟ୍ର ୱିକିଲିକି ୱେବ୍‌ସାଇଟ ବନ୍ଦ କରିଛନ୍ତି । ଏହାର କାରଣ ହେଲା ୱିକିଲିକି ସରକାରୀ ଯାଞ୍ଚ ବ୍ୟବସ୍ଥା ସହ ସାଲିସ ନ କରି ସରକାର ବିରୋଧୀ କେତେକ ଗୋପନୀୟ ଦସ୍ତାବିଜ୍ ପ୍ରଘଟ କରି ଦେଇଥିଲା ।

ଆଫଗାନିସ୍ତାନରେ ତାଲିବାନ ସରକାର ଅଜ୍ଞାନୁବାଦୀ ଗଣମାଧ୍ୟମ ଆଭିମୁଖ୍ୟ ଗ୍ରହଣ କରିଥାନ୍ତି । ୨୦୧୧ ମସିହା ପର୍ଯ୍ୟନ୍ତ ବର୍ମାର ଗଣମାଧ୍ୟମ ମଧ୍ୟ ଶାସକଙ୍କ ନିକଟରେ ଆଜ୍ଞାଧୀନ ରହିଥିଲେ । ସେହିପରି କେତେକ ବିକାଶମୁଖୀ ରାଷ୍ଟ୍ରରେ ସରକାରୀ ଗୋପନୀୟତା ଆଇନ, ଜାତୀୟ ନିରାପତ୍ତା ଆଇନ ଆଦିରେ ଆଜ୍ଞାଧୀନତାର ଛିଟା ଦେଖିବାକୁ ମିଳିଥାଏ ।

ସରକାରଙ୍କ ମତ ବିରୋଧରେ ପ୍ରକାଶ ଯୋଗୁ ବହୁ ସମୟରେ ଲେଖକ ଓ ବିଦ୍ୱାନଙ୍କୁ ବନ୍ଦୀ କରାଯାଉଛି । ଆଜ୍ଞାନୁବାଦୀ ସରକାରଙ୍କ ଦ୍ୱାରା ଲେଖକ ସଲମାନ ରସଡୀଙ୍କ ଫସାଟାନିକ୍ ଭର୍ସ' ପୁସ୍ତକକୁ ନିଷେଧ କରାଯାଇଛି ।

ଇସ୍ରାଏଲ, ବାହାରିନ, କ୍ୱାତାର, ସିରିଆ, ଉଜ୍‌ବେକିସ୍ଥାନ, ବେଲାରଷ, ଜିମ୍ବାୱେ, ଚୀନ, ଉତ୍ତର କୋରିଆ ଓ ଇରାନ ଆଦି ରାଷ୍ଟ୍ର ଅଦ୍ୟାବଧି ଗଣମାଧ୍ୟମ ଉପରେ ନିୟନ୍ତ୍ରଣ ପ୍ରଥା ଜାରି ରଖିଛନ୍ତି ।

## ୧.୫ ଉଦାରବାଦୀ ତତ୍ତ୍ୱ

ଷୋଡ଼ଶ ଶତାବ୍ଦୀରେ ୟୁରୋପରେ ମୁଖ୍ୟତଃ ମୁଦ୍ରଣ ମେସିନର ଉଦ୍ଭାବନ ସହ ଉଦାରବାଦୀ ଚିନ୍ତାଧାରାଯୁକ୍ତ ତତ୍ତ୍ୱର ପରିପ୍ରକାଶ ଘଟିଥିଲା । ଖ୍ୟାତନାମ ବ୍ୟକ୍ତିତ୍ୱ ଲାଓ ତ୍ସୁ, ଜନ୍ ଲକି, ଜନ୍ ମିଲଟନ, ଜନ୍ ଷ୍ଟୁଆର୍ଟ ମିଲ ଓ ଥୋମାସ୍ ଜେଫରସନ୍ ଉଦାରବାଦୀ ତତ୍ତ୍ୱ ସପକ୍ଷରେ ମତପୋଷଣ କରିଥିଲେ । ଉଦାରବାଦୀମାନେ ଆଜ୍ଞାନୁଧୀନ ସରକାର ବିରୋଧୀ ଥିଲେ । ଅନ୍ତର୍ଜାତୀୟ ବାଣିଜ୍ୟ ଓ ସହରୀକରଣ ଯୋଗୁ ସଂଭ୍ରାନ୍ତବର୍ଗର କ୍ଷମତା କ୍ଷୁଣ୍ଣ ହେବା ସହ କେତେକ ସାମାଜିକ ଆନ୍ଦୋଳନର ମଧ୍ୟ ସୂତ୍ରପାତ ଘଟିଥିଲା । ଉଦାରବାଦୀ ତତ୍ତ୍ୱ ବ୍ୟକ୍ତି ଚେତନାର ସ୍ୱାଧୀନତାରେ ବିଶ୍ୱାସ ରଖିଥାଏ । ନିଜ ମତ ପ୍ରକାଶ କରିବାର ଅଧିକାର ସମସ୍ତଙ୍କର ରହିଛି । ଏଥିରେ କର୍ତ୍ତୃପକ୍ଷଙ୍କ ଦ୍ୱାରା କୌଣସି ଯାଞ୍ଚ ବା ନିୟନ୍ତ୍ରଣ ବ୍ୟବସ୍ଥା ରହିବା ଉଚିତ୍ ନୁହେଁ ବୋଲି ଏହି ଉଦାରବାଦୀ ତତ୍ତ୍ୱ ବିଶ୍ୱାସ କରିଥାଏ । ଗଣମାଧ୍ୟମକୁ ସରକାର ନିୟନ୍ତ୍ରଣ ବା କାବୁ କରିବା ଉଚିତ୍ ନୁହେଁ । ସୂଚନା ହସ୍ତଗତ ମୁକ୍ତ ଓ ଅବାଧ ହେବା ଆବଶ୍ୟକ ।

**ଉଦାରବାଦୀ ତତ୍ତ୍ୱର ଲକ୍ଷଣ :**

- କର୍ତ୍ତୃପକ୍ଷଙ୍କ ଯାଞ୍ଚ ବା ନିୟନ୍ତ୍ରଣରୁ ମୁକ୍ତ ରହିଥିବା ସ୍ୱାଧୀନ ଗଣମାଧ୍ୟମ ମୁକ୍ତ ଓ ନିରପେକ୍ଷ ଭାବେ ସୂଚନା ପ୍ରକାଶ କରିପାରେ ।
- ପ୍ରତିଦ୍ୱନ୍ଦ୍ୱିତା ଭିନ୍ନ ମତବାଦର ପରିପ୍ରକାଶ ଘଟାଇଥାଏ ।
- ଗଣମାଧ୍ୟମ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରିଥାଏ ଏବଂ ସରକାରୀ ନୀତିର ସମାଲୋଚନାକୁ ମୁକ୍ତ ଭାବେ ଗ୍ରହଣ କରାଯାଇଥାଏ ।
- ଗଣମାଧ୍ୟମ ସଂସ୍ଥାରେ ସାମ୍ବାଦିକ ଓ ପେସାଦାରଙ୍କ ସମ୍ପୂର୍ଣ୍ଣ ସ୍ୱାଧୀନତା ରହିଥାଏ ।
- ବ୍ୟକ୍ତି ସ୍ୱାଧୀନତାରେ ହସ୍ତକ୍ଷେପ ପରି ନିଜର ଯେକୌଣସି କାର୍ଯ୍ୟକଳାପର ପରିଣାମ ପାଇଁ ଗଣମାଧ୍ୟମ ଆଇନ ନିକଟରେ ଉତ୍ତରଦାୟୀ ରୁହେ ।

**ଉଦାହରଣ :**

ଭାରତରେ ଗଣମାଧ୍ୟମର ସ୍ୱାଧୀନତା ଓ ସୂଚନା ଅଧିକାର ଆଇନ ଜରିଆରେ ବିଭିନ୍ନ ଯୋଜନାରେ ସରକାରୀ ପାଣ୍ଠିର ଅପବ୍ୟବହାର ପ୍ରଘଟ କରାଯାଇଥାଏ । ନିକଟରେ ଘଟିଥିବା କୋଲଗେଟ୍ ଦୁର୍ନୀତିରେ ତଳଠାରୁ ଉପର ସ୍ତର ପର୍ଯ୍ୟନ୍ତ ସରକାରୀ ଅଧିକାରୀ ସଂଶ୍ଳିଷ୍ଟ ଥିବା ଜଣାଯାଏ । ଗଣମାଧ୍ୟମ ଦ୍ୱାରା ଏହି ଦୁର୍ନୀତିର ଉନ୍ମୋଚନ ଯୋଗୁ ସାଧାରଣ ଜନତା ଅମଲାତନ୍ତ୍ର ଓ ସରକାରଙ୍କ କାର୍ଯ୍ୟଧାରା ସମ୍ପର୍କରେ ଅବଗତ ହୋଇପାରିଲେ ।

**ସମୀକ୍ଷା :**

ଅଧିକ ସ୍ୱାଧୀନତା ସରକାରୀ ସୂଚନା ଗୋପନୀୟତା ଉଲ୍ଲଂଘନ ନେଇ ସମସ୍ୟା ସୃଷ୍ଟି କରିଥାଏ ।

## ୧.୬ ସାମାଜିକ ଦାୟିତ୍ୱବୋଧ ତତ୍ତ୍ୱ

ବିଂଶ ଶତାବ୍ଦୀ ମଧ୍ୟଭାଗରେ ଅଧିକାଂଶ ବିକାଶମୁଖୀ ଓ ତୃତୀୟ ବିଶ୍ୱ ରାଷ୍ଟ୍ର ଗଣମାଧ୍ୟମ ପାଇଁ ସାମାଜିକ ଦାୟିତ୍ୱବୋଧ ତତ୍ତ୍ୱର ଉପଯୋଗ କଲେ । ୧୯୪୯ ମସିହାରେ ଆମେରିକାରେ 'ପ୍ରେସ ସ୍ୱାଧୀନତା କମିଶନ' ଗଠନ କରାଯାଇଥିଲା । ନିଜର 'ଫୋର ଥିଓରିଜ୍ ଅଫ ଦି ପ୍ରେସ'ରେ ଫ୍ରେଡ୍ ସିବର୍ଟ, ଥିଓଡର ପିଟରସନ ଓ ୱିଲବର ସ୍କ୍ରାମ୍ ଉଲ୍ଲେଖ କରିଛନ୍ତି ଯେ ଶୁଦ୍ଧ ଉଦାରବାଦ ଏକ ଅପ୍ରଚଳିତ ଓ ପୁରୁଣାକାଳିଆ । ଏହା ପରେପରେ ଉଦାରବାଦ ତତ୍ତ୍ୱ ପରିବର୍ତ୍ତେ ସାମାଜିକ ଦାୟିତ୍ୱବୋଧ ତତ୍ତ୍ୱର ଉଦ୍ଭବ ହୋଇଥିଲା । ସାମାଜିକ ଦାୟିତ୍ୱବୋଧ ତତ୍ତ୍ୱ ଯୋଗୁ ଗଣମାଧ୍ୟମ ପ୍ରକାଶନରେ ଅନେକ ପରିବର୍ତ୍ତନ ଦେଖା ଦେଇଥିଲା । ତଥ୍ୟଭିତ୍ତିକ ସମ୍ବାଦ ପରିବେଷଣ ବଦଳରେ ଅନୁସନ୍ଧାନଧର୍ମୀ ଖବରର ଆଗମନ ଘଟିଥିଲା ।

ଏହି ତତ୍ତ୍ୱ ପୂର୍ବରୁ ସାଧାରଣ ଜନତା ଏକ ଖବର ପଶ୍ଚାତରେ ଥିବା କାରଣ ଓ ବାଖ୍ୟା ସମ୍ପର୍କରେ ଅଜଣା ରହୁଥିଲେ । ପ୍ରତି ଖବର ପଛରେ ଥିବା ବାସ୍ତବ କାରଣ ଖୋଜି ବାହାର କରିବାରେ ବ୍ୟାଖ୍ୟାତ୍ମକ ଓ ଅନୁସନ୍ଧାନଧର୍ମୀ ଖବର ସହାୟକ ହେଲା । ଏହା ଦ୍ୱାରା ଗଣମାଧ୍ୟମ ପ୍ରଦାନ କରୁଥିବା ତଥ୍ୟ ସର୍ବସାଧାରଣ ବିଶ୍ଳେଷଣ କରି ସତ୍ୟ ସୂଚନା ଓ ଯୁକ୍ତିଯୁକ୍ତ ଖବର ଜାଣିବାରେ ସମର୍ଥ ହେଲେ । ଏହାଦ୍ୱାରା ଦୁର୍ନୀତି ପରି ସାମାଜିକ କଳଙ୍କ ଉନ୍ମୋଚିତ ହୋଇପାରିବା ସହ ଏକ ସଦ୍ଭାବ ପ୍ରତିଷ୍ଠା ହୋଇପାରିଲା । ସାମାଜିକ ବିକାଶ ପାଇଁ ଏହି ତତ୍ତ୍ୱକୁ ଏକ ଅସ୍ତ୍ର ଭାବେ ବିବେଚନା କରାଗଲା । ଏହି ତତ୍ତ୍ୱ ତ୍ରୁଟିହୀନ, ସତ୍ୟ ଓ ସୂଚନାର ଉଚ୍ଚମାନ ପ୍ରତିଷ୍ଠା କରି ଗଣମାଧ୍ୟମରେ ପେସାଦାର ସୃଷ୍ଟି ଦିଗରେ ସହାୟକ ହୋଇପାରିଲା । ସାମାଜିକ ଦାୟିତ୍ୱବୋଧ ସମ୍ପର୍କରେ ପ୍ରେସ କାଉନସିଲ ମଧ୍ୟ କେତେକ ଧାରା ସଂଯୋଗ କଲେ । ଏଗୁଡ଼ିକ ହେଲା -

୧ : ଗଣମାଧ୍ୟମ ପାଇଁ ଆଚରଣବିଧି ପ୍ରଣୟନ

୨ : ସାମ୍ବାଦିକତା ମାନରେ ଉନ୍ନତି

୩ : ବୃତ୍ତିଗତ ସୁରକ୍ଷା

୪ : ଆଚରଣବିଧି ଉଲ୍ଲଙ୍ଘନ ପାଇଁ ଦଣ୍ଡବିଧାନ

ସାମାଜିକ ଦାୟିତ୍ୱବୋଧ ତତ୍ତ୍ୱର ଲକ୍ଷଣ :

- ଗଣମାଧ୍ୟମ ସମାଜ ପାଇଁ ଦାୟିତ୍ୱସମ୍ପନ୍ନ ହେବା ଆବଶ୍ୟକ ।
- ସତ୍ୟ, ତ୍ରୁଟିହୀନ, ନିରପେକ୍ଷ ଓ ତଥ୍ୟଭିତ୍ତିକ ପେସାଦାର ମାନ ବଜାୟ ରଖିବାର ଦାୟିତ୍ୱ ଗଣମାଧ୍ୟମ ନିର୍ବାହ କରିବା ଆବଶ୍ୟକ ।
- ଗଣମାଧ୍ୟମ ଆତ୍ମନିୟନ୍ତ୍ରିତ ହେବା ଆବଶ୍ୟକ ।

- ଅପରାଧ, ହିଂସା, ସାମାଜିକ ବିଶୃଙ୍ଖଳା ସୃଷ୍ଟି କରିବା ଭଳି ସମ୍ବାଦରୁ ଗଣମାଧ୍ୟମ ଦୂରେଇ ରହିବା ଆବଶ୍ୟକ। ଧର୍ମୀୟ ଓ ସାମ୍ପ୍ରଦାୟିକ ବିଦ୍ୱେଷ ସୃଷ୍ଟି କରିବା ଭଳି ସମ୍ବାଦରୁ ଗଣମାଧ୍ୟମ କ୍ଷାନ୍ତ ରହିବା ଆବଶ୍ୟକ ।
- ଗଣମାଧ୍ୟମ ସାମୂହିକ ଭାବେ ସମସ୍ତ ସାମାଜିକ ଗୋଷ୍ଠୀର ପ୍ରତିନିଧିତ୍ୱ କରିବା ଆବଶ୍ୟକ । ଜନସାଧାରଣଙ୍କୁ ବିଭିନ୍ନ ଦୃଷ୍ଟିକୋଣରୁ ଖବର ଯୋଗାଇ ଏହା ସାମାଜିକ ବିବିଧତାକୁ ପ୍ରତିଫଳିତ କରିବା ଆବଶ୍ୟକ । ସେହିପରି ଖବର ପ୍ରତି ଜନତାଙ୍କ ମତାମତକୁ ଏହା ସୁଯୋଗ ଦେବା ଉଚିତ୍ ।

ଉଦାହରଣ :

ସାମାଜିକ ଦାୟିତ୍ୱବୋଧ ତତ୍ତ୍ୱ ଅନୁଯାୟୀ ମଦ, ସିଗାରେଟ ଆଦି କ୍ଷତିକାରକ ଦ୍ରବ୍ୟର ବିଜ୍ଞାପନ ପ୍ରକାଶନକୁ ସଠିକ୍ ଗ୍ରହଣ କରାଯାଇ ନ ଥାଏ । ସରକାରୀ ଅନୁଷ୍ଠାନରେ ଦୁର୍ନୀତି ଉନ୍ମୋଚନକୁ ସାମାଜିକ ଦାୟିତ୍ୱବୋଧ ତତ୍ତ୍ୱର ଏକ ଅଂଶ ଭାବେ ବିବେଚନା କରାଯାଇଥାଏ ।

ସମୀକ୍ଷା :

- ଗଣମାଧ୍ୟମ ମାନରେ ଉନ୍ନତି ଆବଶ୍ୟକ ।
- ଉଚ୍ଚବର୍ଗ ବ୍ୟତୀତ ଗଣମାଧ୍ୟମ ସମସ୍ତ ବର୍ଗ ଜନତାଙ୍କ ଦାୟିତ୍ୱ ତୁଲାଇବା ଉଚିତ୍ ।
- ଗଣମାଧ୍ୟମ ସ୍ୱାଧୀନ ଭାବେ କାର୍ଯ୍ୟ କରିପାରେ, କିନ୍ତୁ ସରକାର ବା ସରକାରୀ ସଂସ୍ଥାର ଅଂଶୀଦାର ଏହାର ସ୍ୱାଧୀନତା ବାଧାପ୍ରାପ୍ତ କରିପାରେ ।

ଉପରୋକ୍ତ ତତ୍ତ୍ୱ ବ୍ୟତୀତ ବିକାଶନ୍ମୋଖୀ ଯୋଗାଯୋଗ ତତ୍ତ୍ୱ,

ଗଣତାନ୍ତ୍ରିକ ସହଯୋଗୀ ଗଣମାଧ୍ୟମ ତତ୍ତ୍ୱ ଆଦିକୁ ଗଣମାଧ୍ୟମର ଆଦର୍ଶ ତତ୍ତ୍ୱ ଭାବେ ବିବେଚନା କରାଯାଇଥାଏ ।

## ୧.୭ ବିକାଶବାଦୀ ଯୋଗାଯୋଗ ତତ୍ତ୍ୱ

ଗଣମାଧ୍ୟମର ଚାରିଟି ପ୍ରତିଷ୍ଠିତ ତତ୍ତ୍ୱର ଉପଯୋଗ ତୃତୀୟ ବିଶ୍ୱ ରାଷ୍ଟ୍ରରେ ସୀମିତ । କାରଣ ପାଶ୍ଚାତ୍ୟ ରାଷ୍ଟ୍ର ତୁଳନାରେ ତୃତୀୟ ବିଶ୍ୱ ରାଷ୍ଟ୍ର ପରସ୍ପରଠାରୁ ବହୁ ଭାବରେ ଭିନ୍ନ । ତୃତୀୟ ବିଶ୍ୱ ରାଷ୍ଟ୍ରର ଦ୍ରୁତ ପରିବର୍ତ୍ତିତ ରାଜନୈତିକ ଓ ଅର୍ଥନୈତିକ ଅବସ୍ଥାରୁ ନୂଆ ତତ୍ତ୍ୱ ଓ ଆଭିମୁଖ୍ୟର ଉଦ୍ଭବ ଘଟିଛି । ଏହି ତତ୍ତ୍ୱ ଅନୁଯାୟୀ ରାଷ୍ଟ୍ରୀୟ ନୀତି ଅନୁଯାୟୀ ବିକାଶ ଧାରାକୁ ଆଗେଇ ନେବାରେ ଗଣଯୋଗାଯୋଗର ଉପଯୋଗ କରାଯାଇଥାଏ । ଏହି କାରଣରୁ ବିକାଶନ୍ମୋଖୀ ଯୋଗାଯୋଗ ତତ୍ତ୍ୱ ପ୍ରଣୟନ କରାଯାଇଛି । ଗଣଯୋଗାଯୋଗ ସମସ୍ୟାର ଅନୁଧ୍ୟାନ (ମ୍ୟାକ୍‌ବ୍ରାଇଡ ଏଟ୍ ଅଲ ୧୯୮୦) ପାଇଁ ୟୁନେସ୍କୋ ପ୍ରାୟୋଜିତ ଅନ୍ତର୍ଜାତୀୟ କମିଶନ ରିପୋର୍ଟ ପରିପ୍ରେକ୍ଷୀରେ ଏହି ତତ୍ତ୍ୱର ଆରମ୍ଭ ହୋଇଥିବା ଜଣାଯାଏ ।

ବିକାଶମୁଖୀ ରାଷ୍ଟ୍ରର କେତେକ ସାଧାରଣ ଅବସ୍ଥା ଅନ୍ୟ ତତ୍ତ୍ୱର ଉପଯୋଗିତାକୁ ସୀମିତ କରିଥାଏ ।

ସେଗୁଡ଼ିକ ହେଲା :

- ଯୋଗାଯୋଗ ଭିତ୍ତିଭୂମିର ଅଭାବ ।
- ହାର୍ଡୱେର ଓ ସଫ୍ଟୱେର ପାଇଁ ବିକାଶଶୀଳ ରାଷ୍ଟ୍ର ଉପରେ ନିର୍ଭରଶୀଳତା
- ଆର୍ଥିକ, ସାମାଜିକ ଓ ରାଜନୈତିକ ବିକାଶକୁ ସମାଜ ପ୍ରାଥମିକ ଜାତୀୟ ଦାୟିତ୍ୱ ଭାବେ ଗ୍ରହଣ କରିଥାଏ ।
- ଅନ୍ତର୍ଜାତୀୟ ରାଜନୀତିରେ ନିଜର ପରିଚିତି ଓ ସ୍ୱାର୍ଥ ସମ୍ପର୍କରେ ସଚେତନତା ।

ଏ ସମସ୍ତ ବିବିଧ ଅବସ୍ଥା ପାଇଁ ରାଷ୍ଟ୍ର ବିକାଶରେ ଗଣମାଧ୍ୟମର ଉପଯୋଗ ବିକାଶମୁଖୀ ରାଷ୍ଟ୍ରର ମୁଖ୍ୟ ଆଭିମୁଖ୍ୟ ହୋଇଥାଏ । ଏହି ଦାୟିତ୍ୱ ସମ୍ପାଦନ ଲକ୍ଷ୍ୟରେ ସାମ୍ବାଦିକ ଓ ଗଣମାଧ୍ୟମର ସ୍ୱାଧୀନତାକୁ କେତେକାଂଶରେ ପ୍ରତିରୋଧ କରିବାର ଆବଶ୍ୟକତା ପଡ଼େ ।

ବିକାଶବାଦୀ ଯୋଗାଯୋଗ ତତ୍ତ୍ୱର ମୁଖ୍ୟ ଲକ୍ଷ୍ୟ ହେଲା ଦାରିଦ୍ର୍ୟ ଦୂରୀକରଣ, ଜନସଂଖ୍ୟା ନିୟନ୍ତ୍ରଣ, ସାକ୍ଷରତା ଅଭିଯାନ, ନିଯୁକ୍ତି ସୃଷ୍ଟି ଆଦି ବିଭିନ୍ନ ଜାତୀୟ ବିକାଶ କାର୍ଯ୍ୟକ୍ରମରେ ସହଯୋଗ କରିବାରେ ଗଣମାଧ୍ୟମର ଉପଯୋଗ । କିନ୍ତୁ ଗଣମାଧ୍ୟମ କାର୍ଯ୍ୟଧାରାରେ ସରକାରୀ ହସ୍ତକ୍ଷେପ, ସ୍ୱାଧୀନତା ସଂକୋଚନ ଦିଗରେ ସରକାର କିପରି ଭାବେ ନିଜ ଅଧିକାର ସାବ୍ୟସ୍ତ କରନ୍ତି ତାହା ଉପରେ ଏହି ତତ୍ତ୍ୱର ପ୍ରଭାବ ନିର୍ଭର କରିଥାଏ । ସମାଜର ଅଧିକ କଲ୍ୟାଣ ନିମନ୍ତେ ସରକାର ଯାଞ୍ଚ, ରିହାତି, ପ୍ରତ୍ୟକ୍ଷ ନିୟନ୍ତ୍ରଣ ଆଦିର ଉପଯୋଗ କରିଥାନ୍ତି ।

## ୧.୮ ଗଣତାନ୍ତ୍ରିକ ସହଯୋଗୀ ଗଣମାଧ୍ୟମ ତତ୍ତ୍ୱ

ଆଦର୍ଶଗତ ତତ୍ତ୍ୱରେ ଏହି ନୂଆ ତତ୍ତ୍ୱଟି ସଦ୍ୟତମ ସଂଯୋଗ ଅଟେ । ଏହା ବିକାଶଶୀଳ ଉଦାରବାଦୀ ସମାଜ ପ୍ରତି ମଧ୍ୟ ପ୍ରଯୁଜ୍ୟ । ମ୍ୟାକକ୍ୱେଲଙ୍କ ଏହି ତତ୍ତ୍ୱ ପ୍ରଣୟନ କରିବା କଷ୍ଟକର ଅଟେ । କାରଣ ଗଣମାଧ୍ୟମ ପ୍ରତିଷ୍ଠାନରେ ଏହା ସମ୍ପୂର୍ଣ୍ଣ ବୈଧତା ଓ ସଂଯୋଗୀକରଣ ଲାଭ କରି ନ ଥାଏ । ଏଥିସହ ଏହାର କେତେକ ମତବାଦ ଅନ୍ୟ ତତ୍ତ୍ୱରେ ମଧ୍ୟ ରହିଥାଏ । ତାଙ୍କ ମତରେ ଏହି ତତ୍ତ୍ୱଟି ପ୍ରଚଳିତ ତତ୍ତ୍ୱ ପ୍ରତି ଏକ ଆହ୍ୱାନ ଓ ଏହା ସ୍ୱତନ୍ତ୍ର ଭାବେ ଚିହ୍ନଟ ହେବାର ଅପେକ୍ଷା ରଖେ ।

ଏକ ରାଜନୈତିକ ସମାଜରେ ସକ୍ରିୟ ଗ୍ରହଣକାରୀଙ୍କ ଆବଶ୍ୟକତା, ସ୍ୱାର୍ଥ ଓ ଆକାଂକ୍ଷାକୁ ନେଇ ଗଣତାନ୍ତ୍ରିକ ସହଯୋଗୀ ଗଣମାଧ୍ୟମ ତତ୍ତ୍ୱର ପ୍ରମୁଖ ଲକ୍ଷଣଗୁଡ଼ିକର ସୃଷ୍ଟି । ସୂଚନାର ଅଧିକାର, ଉତ୍ତର ପାଇବାର ଅଧିକାର, ଏକ କ୍ଷୁଦ୍ର ଗୋଷ୍ଠୀ ମଧ୍ୟରେ ମତବିନିମୟ ନିମନ୍ତେ ଯୋଗାଯୋଗ ମାଧ୍ୟମ ଉପଯୋଗର ଅଧିକାରକୁ ନେଇ ଏହି ତତ୍ତ୍ୱ ଜଡ଼ିତ ଥାଏ । ଏହି ତତ୍ତ୍ୱ ନିମ୍ନ ବିଷୟ ସୂଚିତ କରିଥାଏ :

- ଗଣମାଧ୍ୟମର ବିବିଧତା
- କାର୍ଯ୍ୟଧାରାର କ୍ଷୁଦ୍ରତା
- ସମସ୍ତ ସ୍ତରରେ ଯୋଗାଯୋଗର ସମାନ୍ତରାଳତା

ଏକକ, କେନ୍ଦ୍ରୀଭୂତ, ଉଚ୍ଚ ବ୍ୟୟ, ଉଚ୍ଚ ପେସାଦାର ଓ ରାଷ୍ଟ୍ର ନିୟନ୍ତ୍ରିତ ଗଣମାଧ୍ୟମର ବ୍ୟବସ୍ଥାର ଏହା ବିରୋଧ କରିଥାଏ । ଏହି ତତ୍ତ୍ୱର ଯୁକ୍ତି ହେଲା ଗଣମାଧ୍ୟମ ନିଜ ଦର୍ଶକ ବା ପାଠକଙ୍କ ପାଇଁ ତିଷ୍ଠି ରହିବା ଉଚିତ୍, ସଂସ୍ଥା ବା ପେସାଦାରୀ ପାଇଁ ନୁହେଁ ।

## ୧.୯ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧) ସାମାଜିକ ଦାୟିତ୍ୱବୋଧ ଓ ଉଦାରବାଦୀ ତତ୍ତ୍ୱକୁ କ'ଣ ପାଇଁ ଆଦର୍ଶ ତତ୍ତ୍ୱ କୁହାଯାଇଥାଏ ?

୨) ରାଷ୍ଟ୍ରର ବିକାଶ ପାଇଁ ଗଣମାଧ୍ୟମ ସ୍ୱାଧୀନତା କ୍ଷୁଣ୍ଣ କରିବା ନିମନ୍ତେ ବିକାଶବାଦୀ ତତ୍ତ୍ୱବିତ୍‌ଙ୍କ ଦାବି ଯୁକ୍ତିଯୁକ୍ତ କି ?

୩) କମ୍ୟୁନିଷ୍ଟ ଗଣମାଧ୍ୟମର ଚରିତ୍ର ଆଜ୍ଞାନୁବର୍ତ୍ତୀ କି ?

୪) ଉପରୋକ୍ତ ତତ୍ତ୍ୱଗୁଡ଼ିକ ମଧ୍ୟରୁ ଭାରତୀୟ ଗଣମାଧ୍ୟମ ପାଇଁ କେଉଁଟି ପ୍ରଯୁଜ୍ୟ ବୋଲି ତୁମେ ଭାବୁଛ ଓ କାହିଁକି ?

# ଦ୍ୱିତୀୟ ଏକକ : ଢାଞ୍ଚା ସମୀକ୍ଷାର ପ୍ରଭାବ : ବିକଳ୍ପ ଢାଞ୍ଚାର ଉଦ୍ଭବ

**ବିଷୟ ଗଠନ :**

୨.୧ ପଠନର ଉଦ୍ଦେଶ୍ୟ
୨.୨ ଉପକ୍ରମଣିକା
୨.୩ ଗଣମାଧ୍ୟମ ପ୍ରଭାବର ସଂକ୍ଷିପ୍ତ ଇତିହାସ
୨.୪ ତତ୍ତ୍ୱର ସଂକ୍ଷିପ୍ତ ସାଧାରଣ ସମୀକ୍ଷା
୨.୫ ପଦ୍ଧତି ପ୍ରଭାବ, କାର୍ଯ୍ୟ ଖସଡ଼ା, ପ୍ରସ୍ତୁତି
୨.୬ ବିକାଶ ଓ ଯୋଗାଯୋଗରେ ବିକଳ୍ପ ଢାଞ୍ଚାର ଉଦ୍ଭବ
୨.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

## ୨.୧ ପଠନର ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପଠନ ପରେ ବିଦ୍ୟାର୍ଥୀ ନିମ୍ନ ବିଷୟ ସମ୍ପର୍କରେ ଅବଗତ ହୋଇପାରିବେ:

- ଗଣମାଧ୍ୟମ ପ୍ରଭାବକାରୀ ତତ୍ତ୍ୱ ଓ ଗବେଷଣାର ଇତିହାସ ଏବଂ ପରମ୍ପରା ସମ୍ପର୍କିତ ଜ୍ଞାନ ।
- ଆହରଣ, ବ୍ୟବହାର, ଅନୁକମ୍ପା ଓ ଦୃଷ୍ଟାନ୍ତମୂଳକ ତତ୍ତ୍ୱ ମଧ୍ୟରେ ପ୍ରଭେଦ ।
- ସମାଜ ପାଇଁ ଏକ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବାରେ ଗଣମାଧ୍ୟମର ଭୂମିକା ।
- ବିକାଶ ପ୍ରକ୍ରିୟାରେ ଗଣମାଧ୍ୟମର ଭୂମିକା ।

## ୨.୨ ଉପକ୍ରମଣିକା

ଆମେ ସମସ୍ତେ ସମ୍ବାଦପତ୍ର ପଢୁ, ଟିଭି ଦେଖୁ ଓ ଇଣ୍ଟରନେଟ୍ ଖେଳାଉ । ଆମେ ବାସ କରୁଥିବା ସମାଜର ସୂଚନା ଭଣ୍ଡାର ହେଉଛି ଗଣମାଧ୍ୟମ । ତାହାଲେ ଗଣମାଧ୍ୟମରୁ ଆମେ କ'ଣ କେବଳ ସୂଚନା ପାଇଥାଉ ? ଏହି ସୂଚନାକୁ ଆମେ ଯେଉଁ ଦୃଷ୍ଟିରେ ଦେଖୁ ତାହା କ'ଣ ଗଣମାଧ୍ୟମ ଦ୍ୱାରା ପ୍ରଭାବିତ ? ଗଣମାଧ୍ୟମର ପ୍ରଭାବ ବା କିଛି ଦୀର୍ଘମିଆଦୀ ପ୍ରଭାବ ଆମ ଉପରେ ରହିଛି କି ? ନିଜ ଦର୍ଶକ ବା ପାଠକଙ୍କ ଉପରେ ଗଣମାଧ୍ୟମ ସୃଷ୍ଟି କରୁଥିବା ପ୍ରଭାବ ସମ୍ପର୍କରେ ଗବେଷଣା ଓ ଅନୁଧ୍ୟାନର ଏକ ଉନ୍ନତ ପରମ୍ପରା ରହିଛି । କେବଳ ଏତିକି ନୁହେଁ, ଆମେ ରହୁଥିବା ସମାଜର ସାମଗ୍ରିକ ବିକାଶ ପ୍ରକ୍ରିୟାରେ ଗଣମାଧ୍ୟମ ଏକ ଅଂଶୀଦାର ଭାବେ ବିବେଚିତ । ତେବେ ବିକାଶ କ୍ଷେତ୍ରରେ ଗଣମାଧ୍ୟମର ଯୋଗଦାନ ମାତ୍ରାକୁ ନେଇ ତତ୍ତ୍ୱବିତ୍‌ଙ୍କ ମଧ୍ୟରେ ମତଭେଦ ରହିଛି । ଏ ବିଷୟରେ କିଛି ଯୁକ୍ତିଯୁକ୍ତ ମତ ରହିଛି । ଏହି ଅଧ୍ୟାୟରେ ଏ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବା

## ୨.୩ ଗଣମାଧ୍ୟମ ପ୍ରଭାବର ସଂକ୍ଷିପ୍ତ ଇତିହାସ

ଐତିହାସିକ ଦୃଷ୍ଟିକୋଣରୁ ଦେଖିଲେ ଗଣମାଧ୍ୟମ ପ୍ରଭାବ ତିନିରୁ ଚାରି ପର୍ଯ୍ୟାୟ ମଡେଲ ପ୍ରତି ଯତ୍ନଶୀଳ। ପ୍ରତ୍ୟେକ ପର୍ଯ୍ୟାୟ ଆଖିଦୃଶିଆ ବା ସର୍ବନିମ୍ନ ପ୍ରଭାବ ଦ୍ୱାରା ଦୃଶ୍ୟମାନ । ପ୍ରତ୍ୟେକ ପର୍ଯ୍ୟାୟର ସୀମା ପତଳା ; କିନ୍ତୁ ଗବେଷକ ଓ ଗଣମାଧ୍ୟମ ବିଦ୍ୱାନଙ୍କ ଦ୍ୱାରା ନବ୍ୟ ଗଣମାଧ୍ୟମ ପ୍ରଯୁକ୍ତି, ସାଂସ୍କୃତିକ ମୂଲ୍ୟ, ପ୍ରଣାଳୀ କିସମ, ଦୃଷ୍ଟିକୋଣ, ଚିନ୍ତାଧାରା ନିର୍ଦ୍ଧାରଣ କରାଯାଇଛି ।

ପ୍ରଥମ ପର୍ଯ୍ୟାୟ ୧୯୨୦ରୁ ୧୯୩୦ ମସିହା ମଧ୍ୟରେ ଆରମ୍ଭ ହୁଏ । ପ୍ରାପ୍ତକ ବା ଗ୍ରହିତାଙ୍କ ଉପରେ ବାର୍ତ୍ତାର ପ୍ରଭାବକୁ ସୂଚୀତ କରିବାକୁ ନେଇ 'ମ୍ୟାଜିକ୍ ବୁଲେଟ' ବା 'ହାଇପୋ ଡରମିକ୍ ନିଡିଲ'ର ପ୍ରଚଳନ ହୁଏ । ପ୍ରାରମ୍ଭିକ ପର୍ଯ୍ୟାୟରେ ଦୈନନ୍ଦିନ ଜୀବନରେ ସମ୍ବାଦପତ୍ର ଓ ରେଡିଓର ବ୍ୟାପକ ଲୋକପ୍ରିୟତା ଘଟିଥିଲା। ମତାମତ, ଆଭିମୁଖ୍ୟ ଓ ଆଚରଣକୁ ରୂପ ଦେବାରେ ଗଣମାଧ୍ୟମର ଯଥେଷ୍ଟ ଶକ୍ତି ରହିଥିବା ବିବେଚନା କରାଗଲା । ଏହା ଗଣମାଧ୍ୟମର ବାହାଦୁରୀ ମଧ୍ୟ ଥିଲା । ଏହି ସମୟରେ ସମାଜ ଉପରେ ରେଡିଓ ପରି ନୂଆ ମାଧ୍ୟମର ବ୍ୟାପକ ଓ ସୁଦୂରପ୍ରସାରୀ ପ୍ରଭାବ ସମ୍ପର୍କରେ ନାଗରିକ ଓ ଗବେଷକ ଆଶଙ୍କା ବ୍ୟକ୍ତ କରିଥିଲେ । ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଗଣପ୍ରସାର ଅଭିଯାନ ଏହି ଆଶଙ୍କାକୁ ଅଧିକ ଦୃଢ଼ୀଭୂତ କରିଥିଲା । ହାଲୋଲ୍ଡ ଲାଶୱେଲଙ୍କୁ ପ୍ରଥମ ପର୍ଯ୍ୟାୟ ଗଣମାଧ୍ୟମ ପ୍ରଭାବର ବିରୋଧୀ ଭାବେ ବିବେଚନା କରାଯାଇଥାଏ । ଫ୍ରୟଡିଆନ ମନସ୍ତତ୍ତ୍ୱ, ବାସ୍ତବତା ଓ ରାଜନୀତି ବିଜ୍ଞାନ ଆଧାରରେ ସେ ଯୁକ୍ତି ଦର୍ଶାଇଥିଲେ ଯେ ପ୍ରଚାର ଜରିଆରେ ସଂଖ୍ୟାଲଘୁ ଦ୍ୱାରା ସମାଜ ଓ ବ୍ୟକ୍ତି ଫଳପ୍ରଦ ସହକାରେ ନିୟନ୍ତ୍ରିତ ହୋଇପାରିବେ ।

ପ୍ରଥମ ପର୍ଯ୍ୟାୟ ମତବାଦ ବିକଶିତ ଅବସ୍ଥାରେ ଥିବା ସମୟରେ ୧୯୩୦ ଦଶକରେ ଦ୍ୱିତୀୟ ତଥା ସଂକ୍ଷିପ୍ତ ପର୍ଯ୍ୟାୟର ଆରମ୍ଭ ଘଟିଥିଲା । ଏହି ପର୍ଯ୍ୟାୟରେ ଯୋଗାଯୋଗ ତତ୍ତ୍ୱରେ ଅଧିକ ଆଧୁନିକ ବିଜ୍ଞାନସମ୍ମତ ପ୍ରଣାଳୀର ବିକାଶ ଘଟିଲା । ଆଧୁନିକତା ଯୋଗୁ ଅନୁଧ୍ୟାନ ଓ ଗବେଷଣାରେ ବୃଦ୍ଧି ଘଟିଲା। ଏହାଦ୍ୱାରା ପୂର୍ବର ଆନୁମାନିକ ତତ୍ତ୍ୱରେ ପ୍ରଶ୍ନବାଚୀ ଦେଖାଦେଲା । ଏହି ପର୍ଯ୍ୟାୟରେ କାଜ୍ ଓ ଲାଜାର୍ସଫେଲ୍ଡଙ୍କ 'ବ୍ୟକ୍ତିଗତ ପ୍ରଭାବ' ତତ୍ତ୍ୱ ଗଣମାଧ୍ୟମ ପ୍ରଭାବ ତତ୍ତ୍ୱର ସଂଜ୍ଞା ନିର୍ଦ୍ଧାରଣ ଆରମ୍ଭ କରିଥିଲା। ଏଥିରେ ଯୁକ୍ତି ଦର୍ଶାଗଲା ଯେ ଗଣଯୋଗାଯୋଗର ପ୍ରଭାବ ପୂର୍ବ ସ୍ଥିତିକୁ ଦୃଢ଼ୀଭୂତ କରିବାରେ ସହାୟକ ହୋଇଥାଏ, ଅଂଶୀଦାରଙ୍କୁ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ କରି ନ ଥାଏ । ଏହି ସମୟରେ ଗବେଷକମାନେ ବିଚାର କଲେ ଯେ ଗଣମାଧ୍ୟମ ଉଦ୍ଦୀପନା ଓ ଦର୍ଶକ ପ୍ରତିକ୍ରିୟା ମଧ୍ୟରେ ପ୍ରତ୍ୟକ୍ଷ ବା ସିଧାସଳଖ ସମ୍ପର୍କ ନାହିଁ । ଗଣମାଧ୍ୟମ ପ୍ରଭାବ ସମ୍ପର୍କରେ ଅଧିକରୁ ଅଧିକ ଗବେଷଣା ଓ ଆଧୁନିକ ବିଜ୍ଞାନସମ୍ମତ ପ୍ରଣାଳୀ ଦ୍ୱାରା ଏକଥା ସିଦ୍ଧ କରାଗଲା ଯେ ଗଣମାଧ୍ୟମର ପ୍ରତ୍ୟକ୍ଷ ପ୍ରଭାବ ରହିଥିବା ସମ୍ପର୍କରେ ପୂର୍ବରୁ ଯାହା ବିଚାର କରାଯାଉଥିଲା ତାହା ଠିକ୍ ନୁହେଁ । ଏହି ଆଭିମୁଖ୍ୟକୁ ସୀମିତ ପ୍ରଭାବ ମଡେଲ ବୋଲି ବିବେଚନା କରାଗଲା ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଟେଲିଭିଜନର ଆଗମନ ସହ ପରବର୍ତ୍ତୀ ତଥା ତୃତୀୟ ପର୍ଯ୍ୟାୟ ତତ୍ତ୍ୱର ଆଗମନ ଘଟିଲା । ଏଥିରେ ଲାଶୱେଲ ତଥା ତାଙ୍କ ସହଯୋଗୀଙ୍କ ମତବାଦ ପାଇଁ ପଛକୁ ନ ଫେରି ଗଣମାଧ୍ୟମର ଦୀର୍ଘମିଆଦୀ ପ୍ରଭାବର ସମ୍ଭାବନା ସମ୍ପର୍କରେ ଆକଳନ ଆରମ୍ଭ ହୋଇଥିଲା । ଫଳରେ ସାମଗ୍ରିକ ପରିବର୍ତ୍ତନ ଓ

ଗଣମାଧ୍ୟମ ପ୍ରଭାବ ତତ୍ତ୍ୱ ପ୍ରତ୍ୟକ୍ଷ ପ୍ରଭାବ ପ୍ରତି ଗୁରୁତ୍ୱାରୋପ କରିଥିଲା । ଫଳରେ ନୋଏଲେ – ନ୍ୟୁମ୍ୟାନ ପରବର୍ତ୍ତୀ ସମୟରେ ସ୍ପାଇରାଲ ଅଫ ସାଇଲେନ୍ ତତ୍ତ୍ୱର ବିକାଶ କରିଥିଲେ । ଗବେଷକମାନେ ପୁରୁଣା, ମନସ୍ତତ୍ୱ କୈନ୍ଦ୍ରୀକ ପ୍ରଣାଳୀର ସମାଲୋଚନା କରିବା ସହ ଗଣମାଧ୍ୟମର ଦୀର୍ଘମିଆଦୀ ପ୍ରଭାବ ଢାଞ୍ଚାର ସମର୍ଥନ କରିଥିଲେ। ଏହାକୁ ସାମଗ୍ରିକ ପ୍ରଭାବ କୁହାଗଲା। ୧୯୯୦ ଦଶକ ପ୍ରାରମ୍ଭରେ ୪ର୍ଥ ପର୍ଯ୍ୟାୟର ଆରମ୍ଭ ଘଟିଲା । ଏହି ନୂତନ ପର୍ଯ୍ୟାୟରେ ଗଣମାଧ୍ୟମ ପ୍ରଭାବର ସ୍ୱଳ୍ପତମ ମଡେଲ ଫେରିଥିଲା । ଏହି ପର୍ଯ୍ୟାୟରେ ଗଠନମୂଳକ ମଡେଲ ପ୍ରତି ସ୍ୱତନ୍ତ୍ର ଗୁରୁତ୍ୱ ପ୍ରଦାନ କରାଯାଇଥିଲା ।

ଏହି ସମୟ ବେଳକୁ ଗଣମାଧ୍ୟମ ପ୍ରଭାବ ପ୍ରତି ଗଣତାନ୍ତ୍ରିକ ଆଭିମୁଖ୍ୟର ଲୋକପ୍ରିୟତା ବୃଦ୍ଧି ପାଇଲା । ଏହାକୁ ସାମାଜିକ ଗଠନମୂଳକ ଆଭିମୁଖ୍ୟ ଭାବେ ନାମିତ କରାଗଲା । ଏହି ମତବାଦର ଯୁକ୍ତି ହେଲା ଗଣମାଧ୍ୟମ ଅଧିକାଂଶ ଭାବେ ଯାହା କରିଥାଏ ସେଥିସହ ଗଠନମୂଳକ ବାସ୍ତବତା ଜଡ଼ିତ ଥାଏ। ତେବେ ମିଡିଆର ଏହି ମତକୁ ଗ୍ରହଣ କରିବା ନ କରିବା ସେ ସମ୍ପର୍କରେ ସାଧାରଣ ଜନତା ନିଷ୍ପତ୍ତି ନେଇଥାନ୍ତି । ବହୁ ସମସାମୟିକ ତତ୍ତ୍ୱବିତ୍ ଅଦ୍ୟାବଧି ଗଣମାଧ୍ୟମ ପ୍ରଭାବକୁ ତିନି ପର୍ଯ୍ୟାୟଭୁକ୍ତ କରିଥାନ୍ତି। ଫଳରେ ଗଣମାଧ୍ୟମ ପ୍ରଭାବର ଇତିହାସ ବିବାଦସ୍ପଦ ହୋଇ ରହିଛି । କାରଣ ନୂଆ ତତ୍ତ୍ୱ ଓ ପ୍ରଣାଳୀରେ ପୂର୍ବ ଗବେଷକଙ୍କ ସିଦ୍ଧାନ୍ତ ପ୍ରତି ସନ୍ଦେହ ପ୍ରକଟ କରାଯାଇଛି ।

ନ୍ୟୁମ୍ୟାନ ଓ ଗୁଗେନହେମ ୫୦ ବର୍ଷର ଯୋଗାଯୋଗ ଗବେଷଣାର ଅନୁଧ୍ୟାନ କରି ଯୁକ୍ତି ଦର୍ଶାଇଛନ୍ତି ଯେ ଗଣମାଧ୍ୟମ ପ୍ରଭାବ ତତ୍ତ୍ୱ ପର୍ଯ୍ୟାୟକୁ ନେଇ ଚିତ୍ରିତ ହୋଇ ନ ପାରେ ବରଂ ସେମାନେ ଏହାକୁ ମୋଟାମୋଟି ଚାରିଟି ତତ୍ତ୍ୱ କ୍ଷେତ୍ର ବୋଲି ଦର୍ଶାଇଛନ୍ତି । ଏଗୁଡ଼ିକ ହେଲା ପ୍ରରୋଚନା ତତ୍ତ୍ୱ, ସକ୍ରିୟ ଦର୍ଶକ ତତ୍ତ୍ୱ, ସାମାଜିକ ପ୍ରସଙ୍ଗ ତତ୍ତ୍ୱ, ସାଂଗଠନିକ ଓ ଗଣମାଧ୍ୟମ ତତ୍ତ୍ୱ, ବାଖ୍ୟାନ ପ୍ରଭାବ ତତ୍ତ୍ୱ ଓ ନବ୍ୟ ଗଣମାଧ୍ୟମ ତତ୍ତ୍ୱ । ଏହି ତତ୍ତ୍ୱ କ୍ଷେତ୍ରଗୁଡ଼ିକର କେତେକାଂଶରେ ଅନ୍ୟ କ୍ଷେତ୍ର ସହ ମେଳ ରହିଛି । ଏହି ତତ୍ତ୍ୱରେ ଗଣମାଧ୍ୟମ ପ୍ରଭାବ ଗବେଷକଙ୍କ ଦ୍ୱାରା ବ୍ୟବହୃତ ବିବିଧ ତଥା ଖଣ୍ଡିତ ଆଭିମୁଖ୍ୟର ପ୍ରଦର୍ଶନ କରାଯାଇଛି ।

## ୨.୪ ତତ୍ତ୍ୱର ସଂକ୍ଷିପ୍ତ ସାଧାରଣ ସମୀକ୍ଷା

ଗଣମାଧ୍ୟମ ପ୍ରଭାବ ଅଧୀନକୁ ଏକାଧିକ ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱ ଆସିଥାଏ । ସେ ସମସ୍ତ ବିଷୟ ପାଠ୍ୟପୁସ୍ତକରେ ଶିକ୍ଷଣୀୟ ଉପାଦାନ ବର୍ଣ୍ଣନା କରିବା ସମ୍ଭବପର ନୁହେଁ । ନିମ୍ନରେ କେତେକ ତତ୍ତ୍ୱର ସଂକ୍ଷିପ୍ତ ସମୀକ୍ଷା ପ୍ରଦାନ କରାଗଲା ।

- ଉପଯୋଗ ବା ପ୍ରସ୍ତୁତି ତତ୍ତ୍ୱ : ଟେଲିଭିଜନର ଭୂମିକା ସୁଦୂରପ୍ରସାରୀ ଓ ଅଂଶୀଦାର ସାଂସ୍କୃତିକ ଅନୁଭବ ସମ୍ପନ୍ନ । ଗଣମାଧ୍ୟମ ପ୍ରଭାବ ଗବେଷଣାରେ ଟେଲିଭିଜନର ବ୍ୟାପକ ସମ୍ପୃକ୍ତି ଥିବା ନେଇ ବିଶେଷ ଆଶ୍ଚର୍ଯ୍ୟ ହେବାର ନାହିଁ । ତେଣୁ ଜର୍ଜ ଗର୍ବନରଙ୍କ ଉପଯୋଗ ବା ପ୍ରସ୍ତୁତି ତତ୍ତ୍ୱ ଅନୁଯାୟୀ ଟେଲିଭିଜନର ବହୁଳ ଦର୍ଶକ ଟେଲିଭିଜନରେ ପ୍ରଦର୍ଶିତ ବାସ୍ତବତାକୁ ବାସ୍ତବ ଜୀବନ ସହ ମେଳ ଖାଉଥିବା ବୋଲି ଧରି ନେଇଥାନ୍ତି । ଏହି ବହୁଳ ଦର୍ଶକଙ୍କ ଅନୁରୂପ ପ୍ରକାର ବିଶ୍ୱାସ ଓ ବୈଶ୍ୱିକ ମତ ରହିଥାଏ । ଏହାଦ୍ୱାରା ସାମାଜିକ ଏକୀକରଣ

ପ୍ରଭାବ ଘଟିଥାଏ ଯାହାକୁ 'ମେନଷ୍ଟ୍ରିମିଙ୍ଗ' କୁହାଯାଇଥାଏ। ଉପଯୋଗ ବା ପ୍ରସ୍ତୁତି ପ୍ରଭାବର ସାଧାରଣ ଉଦାହରଣ ଭାବେ ଟେଲିଭିଜନ ପରଦାରେ ବହୁଳ ପ୍ରସାରିତ ହିଂସାକୁ ଗ୍ରହଣ କରାଯାଇପାରେ । ଏହାଦ୍ୱାରା ଟେଲିଭିଜନର ବହୁଳ ଦର୍ଶକଙ୍କୁ ବୁଝାଇ ଦିଆଯାଏ ଯେ ବିଶ୍ୱ ଏକ ହିଂସାତ୍ମକ ସ୍ଥଳୀ । କିନ୍ତୁ ବାସ୍ତବତା ତାହା ନୁହେଁ ।

- ଦୃଷ୍ଟାନ୍ତମୂଳକ ତତ୍ତ୍ୱ : ସଫଳତା ବା ବଞ୍ଚିରହିବା ପାଇଁ ସୂଚନା ଏକତ୍ରୀକରଣ ଓ ବିଭକ୍ତୀକରଣ ଆବଶ୍ୟକ । ଜନସାଧାରଣ ଏହାକୁ ବିଭିନ୍ନ ରୂପରେ ଗ୍ରହଣ କରିଥାନ୍ତି । ଗଣମାଧ୍ୟମର ଆଗମନ ପରେ ନିଜ ନିଜ ମଧ୍ୟରେ ମଧ୍ୟସ୍ଥ ଭାବେ ଗୁରୁତ୍ୱପୂର୍ଣ୍ଣ ସୂଚନାର ଆବଶ୍ୟକତାକୁ ମଣିଷ ଗ୍ରହଣ କରିବା ସହ ଏହା ଉପରେ ନିର୍ଭରଶୀଳ ହେଲା । ଏହି ପରିବର୍ତ୍ତନ ସତ୍ତ୍ୱେ ଦୃଷ୍ଟାନ୍ତମୂଳକ ତତ୍ତ୍ୱର ଯୁକ୍ତି ହେଲା ଯେ ଏକ ଘଟଣା ସମ୍ପର୍କରେ ଉଦ୍ଧୃତ ଜ୍ଞାନ ତୁଳନାରେ ସରଳ ଅନୁଭବର ଜ୍ଞାନ ଅଧିକ ସହାୟକ ହୋଇଥାଏ । ଅପ୍ରାସଙ୍ଗିକ ଦୃଶ୍ୟପଟ ତୁଳନାରେ ସ୍ପଷ୍ଟ ଦୃଶ୍ୟପଟ ବ୍ୟକ୍ତିର ମାନସପଟରେ ଉତ୍ତମ ରେଖାପାତ କରିଥାଏ । ପରବର୍ତ୍ତୀ ସମୟରେ ଏ ପ୍ରକାର ଘଟଣାର ପ୍ରକୃତ ସୂଚନା ଉତ୍ସକୁ ଜନସାଧାରଣ ସମୀକ୍ଷା କରିଥାନ୍ତି । ଶେଷକୁ ବୋଧଶକ୍ତି ପ୍ରକ୍ରିୟାରେ ଅନୁକରଣକାରୀ ସେହି ଘଟଣା ପ୍ରତି ନିର୍ଭରଶୀଳ ହୋଇଥାନ୍ତି ଯାହା ବହୁଳ ସ୍ମରଣୀୟ ହୋଇଥାଏ ।

- ଉପଯୋଗ ଓ ଅନୁକମ୍ପା : ଉପଯୋଗ ଓ ଅନୁକମ୍ପା ତତ୍ତ୍ୱ ଦର୍ଶାଇଥାଏ ଯେ ଗଣମାଧ୍ୟମର ବିଶ୍ୱାସକୁ ନେଇ ଏକ ବ୍ୟାପକ ପ୍ରଭାବ ସମାଜ ଉପରେ ରହିଥାଏ । ନିଜ ବିଶ୍ୱାସ ଓ ଆଚରଣରେ ପରିବର୍ତ୍ତନ ପାଇଁ ବ୍ୟକ୍ତିକୁ ପ୍ରଭାବିତ କରିବା ଦିଗରେ ଅନେକ ଶକ୍ତି କାର୍ଯ୍ୟ କରିଥାଏ । ଗଣମାଧ୍ୟମ ବ୍ୟତୀତ ବ୍ୟକ୍ତିର ପରିବେଶ, ଆବଶ୍ୟକତା ଓ ଆକାଂକ୍ଷା, ସମାଜ ସମ୍ପର୍କରେ ପ୍ରାକ୍ ଚିନ୍ତାଧାରା, ଆଚରଣ ଜନିତ ବାସ୍ତବ ଜୀବନ ପରିଣାମ ଆଦି ବ୍ୟକ୍ତି ଓ ସମାଜକୁ ପ୍ରଭାବିତ କରିଥାଏ । ଏହି ମତବାଦ ଗଣମାଧ୍ୟମର ପ୍ରତ୍ୟକ୍ଷ ପ୍ରଭାବ ଆଭିମୁଖ୍ୟର ବିରୁଦ୍ଧାଚରଣ କରିଥାଏ । ପ୍ରତ୍ୟକ୍ଷ ପ୍ରଭାବ ଆଭିମୁଖ୍ୟ ଦର୍ଶାଇଥାଏ ଯେ ଉଦ୍ଦେଶ୍ୟଯୁକ୍ତ ଗଣମାଧ୍ୟମର ନିର୍ଦ୍ଦିଷ୍ଟ ବାର୍ତ୍ତା ସହ ସଂଶ୍ଳିଷ୍ଟ ବ୍ୟକ୍ତି ଓ ଏହାର ପରିବେଶଗତ ପରିବର୍ତ୍ତନ ମାଧ୍ୟମ ସହ ମତବିନିମୟ ଢାଞ୍ଚା ଉପରେ ନିର୍ଭରଶୀଳ । ଏଥିରେ ଦର୍ଶାଯାଇଛି ଯେ ବ୍ୟକ୍ତିଗତ ଯୋଗାଯୋଗ ପରି ଅନ୍ୟ କିସମ ଯୋଗାଯୋଗ ସହ ଗଣମାଧ୍ୟମ ନିରନ୍ତର ପ୍ରତିଦ୍ୱନ୍ଦ୍ୱିତା କରିବା ଆବଶ୍ୟକ ।

- ତୃତୀୟ ପକ୍ଷ ପ୍ରଭାବ : ଗଣମାଧ୍ୟମ ପ୍ରଭାବ ସମ୍ପର୍କରେ ଅନୁଧ୍ୟାନ କରୁଥିବା ଗବେଷକମାନେ ଗଣମାଧ୍ୟମର କେତେକାଂଶରେ ପ୍ରଭାବ ନ ଥିବା ସମ୍ପର୍କରେ ସୂଚିତ କରିଥାନ୍ତି । ବିଂଶ ଶତାବ୍ଦୀ ପ୍ରାରମ୍ଭରୁ ଗଣମାଧ୍ୟମ ପ୍ରତି ଜନସାଧାରଣଙ୍କ ଆଗ୍ରହ ବୃଦ୍ଧି ସତ୍ତ୍ୱେ ଜନସାଧାରଣଙ୍କ ମନରେ ଏକ ସ୍ୱାଭାବିକ ଭାବନା ରହୁଛି ଯେ ସେମାନଙ୍କ ଉପରେ ଗଣମାଧ୍ୟମର କୌଣସି ପ୍ରଭାବ ନାହିଁ । କିନ୍ତୁ ଗଣମାଧ୍ୟମ ଅନ୍ୟମାନଙ୍କୁ ପ୍ରଭାବିତ କରୁଛି ବୋଲି ସେମାନଙ୍କ ଧାରଣା । ତେବେ 'ଗୋଟିଏ ପକ୍ଷ' 'ଅପର ପକ୍ଷ' ପ୍ରତି ଯେଉଁ ଧାରଣାର ପରିପ୍ରକାଶ କରିଥାନ୍ତି 'ଅପରପକ୍ଷ' ମଧ୍ୟ 'ପୂର୍ବ ପକ୍ଷ' ପ୍ରତି ଅନୁରୂପ ଧାରଣାର ପରିପ୍ରକାଶ କରିଥାନ୍ତି । ଏହାକୁ ତୃତୀୟ ପକ୍ଷ ପ୍ରଭାବ ତତ୍ତ୍ୱ ଭାବେ ବିବେଚନା କରାଯାଇଥାଏ । ଏହା ସ୍ୱାଭାବିକ ଭାବେ ଘଟିଥାଏ। ଏହି ପ୍ରଭାବ ସମ୍ପର୍କରେ ଜନସାଧାରଣଙ୍କ ଆକଳନ ହେଲା (୧) ଅନ୍ୟ ବ୍ୟକ୍ତିଙ୍କ ଉପରେ ଯୋଗାଯୋଗ ପ୍ରକ୍ରିୟାର ପ୍ରଭାବ ଅଧିକ, (୨) ଅନ୍ୟମାନଙ୍କ ଉପରେ ଗଣମାଧ୍ୟମର ବୃହତ୍ତର ପ୍ରଭାବ ରହିଥିବା ଧାରଣା ସହ ଖାପ ଖାଇବା ପରି ଆଚରଣଗତ ପରିବର୍ତ୍ତନ ।

- ଗଣମାଧ୍ୟମ ହିଂସାର ପ୍ରଭାବ : ଯେଉଁମାନେ ଗଣମାଧ୍ୟମ ପ୍ରଭାବ ଗବେଷଣା ସହ ସଂଶ୍ଳିଷ୍ଟ ନୁହନ୍ତି ସେମାନେ ଆଶଙ୍କା କରନ୍ତି ଯେ ଗଣମାଧ୍ୟମର ହିଂସ୍ର ବିଷୟବସ୍ତୁ ଅନ୍ୟମାନଙ୍କ ସହ ବାସ୍ତବ ଶାରୀରିକ ହିଂସ୍ର ଆଚରଣ ପାଇଁ ପ୍ରଭାବିତ କରିବ । ସମାଜ ବିଜ୍ଞାନ କ୍ଷେତ୍ରରେ ଏ ପ୍ରକାର ଚିନ୍ତାଧାରାର ଲୋକପ୍ରିୟତା ଆଲବର୍ଟ ବନ୍ଦୁରାଙ୍କ କୁଖ୍ୟାତ 'ବୋବୋ ଡଲ' ପରୀକ୍ଷାନିରୀକ୍ଷା ସମୟରୁ ରହିଆସିଛି। ଏହି ଅନୁଧ୍ୟାନର ଫଳାଫଳରୁ କେତେକ ତଥ୍ୟ ମିଳିଥିଲା । ତାହା ହେଲା ହିଂସାରେ ଲିପ୍ତ ପାଇଁ ଶିଶୁମାନଙ୍କୁ ପ୍ରଭାବିତ କରାଯାଇପାରିବ, ଯାହା ସାମାଜିକ ଶିକ୍ଷା ତତ୍ତ୍ୱରେ ରହିଛି । ବନ୍ଦୁରାଙ୍କ ଏହି ଅନୁଧ୍ୟାନ ବିବାଦୀୟ ହୋଇ ସମାଲୋଚନାର ଶିକାର ହୋଇଥିଲା । ତେବେ ଦୀର୍ଘ ଦିନ ଏ ଦିଗରେ ଗବେଷଣା ପରେ ଗଣମାଧ୍ୟମ ହିଂସା ଓ ବାସ୍ତବ ହିଂସା ମଧ୍ୟରେ ସାମୟିକ ସମ୍ପର୍କ ରହିଥିବା ଜଣାପଡ଼ିଥିଲା ।

## ୨.୫ ପଦ୍ଧତି ପ୍ରଭାବ, କାର୍ଯ୍ୟ ଖସଡ଼ା, ପ୍ରସ୍ତୁତି

ରାଜନୈତିକ ଯୋଗାଯୋଗ ଅନୁଧ୍ୟାନ ନିମେନ୍ତ ଯେଉଁ ୩ଟି ଗଣମାଧ୍ୟମ ପ୍ରଭାବ ତତ୍ତ୍ୱ ସାଧାରଣ ଭାବେ ବ୍ୟବହାର କରାଯାଇଥାଏ ତାହା ହେଲା ପଦ୍ଧତି, କାର୍ଯ୍ୟ ଖସଡ଼ା, ପ୍ରସ୍ତୁତି । ଏହି ଅନୁଧ୍ୟାନ କ୍ଷେତ୍ରର ଗୁରୁତ୍ୱ ବିଚାରକୁ ନେଇ ପୂର୍ବୋକ୍ତ ୩ଟି ଗୁରୁତ୍ୱପୂର୍ଣ୍ଣ ଗଣମାଧ୍ୟମ ପ୍ରଭାବ ତତ୍ତ୍ୱ ପ୍ରତି ଦୃଷ୍ଟି ଦିଆଯାଇଛି । ଏଥିରେ ବୋଧଗମ୍ୟ ପ୍ରକ୍ରିୟା ବର୍ଣ୍ଣନା କରାଯାଇଛି । ପଦ୍ଧତି ବା ଧାରଣା ସମ୍ପର୍କରେ ଗବେଷଣାରୁ ଜଣାପଡ଼ିଛି ଯେ ସାହିତ୍ୟ, ଚିତ୍ରକଳା ଆଦି ବିଭିନ୍ନ କ୍ଷେତ୍ରରେ ଏହା ନିହିତ ଅଛି । ପଦ୍ଧତି ଗବେଷଣାର ଅନ୍ତଃବିଭାଗୀୟ ଚରିତ୍ରରୁ ପଦ୍ଧତିର ବିଭିନ୍ନ ସଂଜ୍ଞା ନିର୍ଦ୍ଧାରଣ ହୋଇଥାଏ ଏବଂ ବିଭିନ୍ନ ପ୍ରଣାଳୀ ଉପଯୋଗ ହୋଇଥାଏ ।

ଚାପେଲ ଓ ଜାମିଏସନ୍‌ଙ୍କ ମତରେ ପଦ୍ଧତି ହେଉଛି ଏକ ଢାଞ୍ଚା ଯାହା ଉପରେ ଅନ୍ୟ ଉପାଦାନଗୁଡ଼ିକ ନିର୍ମିତ ହୋଇଥାଏ । ଏଥିରେ ବାସ୍ତବ ଦିଗ ପ୍ରତି ଦୃଷ୍ଟି ଦିଆଯାଇ ଅନ୍ୟ ଉପାଦାନଗୁଡ଼ିକୁ ଉପେକ୍ଷା କରାଯାଇପାରେ। ଖବର ପ୍ରକ୍ରିୟାକରଣ ଓ ଗଠନ ନିମନ୍ତେ ପଦ୍ଧତି ପ୍ରଭାବ ଗବେଷଣା ଏକ କୌଶଳ ଅଟେ ।

**ସମୀକ୍ଷା :**

ସୀମିତ ପ୍ରଭାବ ମଡେଲର ବିରୋଧ କରି ମ୍ୟାକକମ୍ବ ଓ ସ୍ ୧୯୭୨ ମସିହାରେ ଦୈନନ୍ଦିନ ଖବର ମନୋନୟନ ପ୍ରକ୍ରିୟାରେ ଗଣମାଧ୍ୟମ କିପରି ଜନତାଙ୍କ କାର୍ଯ୍ୟସୂଚୀ ପ୍ରଭାବିତ କରୁଛି ସେ ସମ୍ପର୍କରେ ପରୀକ୍ଷାନିରୀକ୍ଷା କରିଥିଲେ । ଏଥିରୁ ଜଣାପଡ଼ିଲା ଯେ ଗଣମାଧ୍ୟମ ସୂଚୀର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଓ ସର୍ବସାଧାରଣଙ୍କ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ମଧ୍ୟରେ ଉଚ୍ଚ ସହସମ୍ପର୍କ ରହିଛି ।

ଗଲେଟଙ୍କ ମତରେ ଗଣମାଧ୍ୟମ ପ୍ରଭାବ ଅନୁଧ୍ୟାନରେ ଦର୍ଶକ ଓ ସମାଜ ସମ୍ପର୍କିତ ଭୁଲ ଆଭିମୁଖ୍ୟ ବ୍ୟବହାର କରାଯାଇଛି । ତାଙ୍କ ମତରେ ;

୧) ପ୍ରଭାବ ମଡେଲ ସାମାଜିକ ସମସ୍ୟାର 'ପଶ୍ଚାତବର୍ତ୍ତୀ' ପରିଚାଳନା କରେ । ସମାଜରେ ଦେଖାଯାଉଥିବା ହିଂସାକୁ ଏଥିପାଇଁ ଉଦାହରଣ ଭାବେ ଗ୍ରହଣ କରାଯାଇପାରେ । ଏହି ସାମାଜିକ ସମସ୍ୟାରୁ ଗବେଷକ

ଅନୁଧ୍ୟାନ ଆରମ୍ଭ କରି ଏଥିରେ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷଙ୍କ ବର୍ଣ୍ଣନା କରିବା ପାଇଁ ଉଦ୍ୟମ କରିବା ଉଚିତ୍ । ସଂଶ୍ଳିଷ୍ଟ ବ୍ୟକ୍ତିମାନଙ୍କର ପୃଷ୍ଠଭୂମି, ଜୀବନଶୈଳୀ, ଚରିତ୍ର ଆଦି ସମ୍ପର୍କରେ ଅନୁଧ୍ୟାନ ହେବା ଆବଶ୍ୟକ । 'ଗଣମାଧ୍ୟମ ପ୍ରଭାବ' ଆଭିମୁଖ୍ୟରେ ଏଥିପାଇଁ ଅତୀତକୁ ଯିବାକୁ ପଡ଼ିଥାଏ । ଏହା ଗଣମାଧ୍ୟମରୁ ଆରମ୍ଭ ହୋଇ ସମ୍ପୃକ୍ତ କ୍ଷେତ୍ରରୁ ସାଧାରଣ ଜନତାଙ୍କ ନିକଟକୁ ପ୍ରବାହିତ ହୋଇଥାଏ।

୨) ପ୍ରଭାବ ମଡେଲରେ ଶିଶୁଙ୍କୁ ଗୁରୁତ୍ୱହୀନ ବିବେଚନା କରାଯାଇଥାଏ । ଶିଶୁମାନେ କିଛି ଜାଣିପାରନ୍ତି ନାହିଁ ବା ସେମାନେ ଗୁରୁତ୍ୱପୂର୍ଣ୍ଣ ବୋଲି ଏହି ମଡେଲ ବିଚାରକୁ ନେଇନଥାଏ ।

୩) ଗୋପନୀୟ ସଂରକ୍ଷଣ ଚିନ୍ତାଧାରାସମ୍ପନ୍ନ ଚରିତ୍ର ଦ୍ୱାରା ପ୍ରଭାବ ମଡେଲକୁ ଅନୁମାନ କରାଯାଇପାରେ। ଆମେରିକା ଟେଲିଭିଜନ ପରଦାରେ ଅତି ଉଦାର ଭାବେ ହିଂସାକାଣ୍ଡ ବର୍ଣ୍ଣନା କରାଗଲା, ଯାହା ଅନାବଶ୍ୟକ ଓ ଅସୁନ୍ଦର ଥିଲା । କିନ୍ତୁ ଟେଲିଭିଜନରେ ହିଂସାକାଣ୍ଡ ପ୍ରଦର୍ଶନ ସର୍ବଦା ଅସୁନ୍ଦର ବା ଖରାପର କାରଣ ବୋଲି ମଧ୍ୟ ଗ୍ରହଣ କରାଯାଇପାରିବ ନାହିଁ ।

୪) ପ୍ରଭାବ ମଡେଲ ନିଜ ଅନୁଧ୍ୟାନ ଆଭିମୁଖ୍ୟର ସଠିକ୍ ସଂଜ୍ଞା ନିରୂପଣ କରେନାହିଁ ।

ସମାଜ ବିରୋଧୀ, ସମାଜ ସମର୍ଥକ କାର୍ଯ୍ୟକ୍ରମ ପରି ଆଲୋଚନାହୀନ ଗଣମାଧ୍ୟମ ଚିନ୍ତାଧାରାକୁ ପ୍ରଭାବ ଅନୁଧ୍ୟାନ ଗ୍ରହଣ କରିଥାଏ । ଏହା ସ୍ପଷ୍ଟ ଭାବେ ମତପ୍ରକାଶ କରିଥାଏ ।

୫) ପ୍ରଭାବ ମଡେଲ ଜନଗଣଙ୍କ ପାଇଁ ପ୍ରାଧାନ୍ୟ ପାଇଥାଏ ।

ଧାରାଯାଉ ଏକ ସର୍ବେକ୍ଷଣ ସମୟରେ କିଛି ବ୍ୟକ୍ତି ଅନୁଭବ କଲେ ଯେ ଗଣମାଧ୍ୟମ ଯୋଗୁ ଅନ୍ୟ କିଛି ବ୍ୟକ୍ତି ସମାଜବିରୋଧୀର କାରଣ ହେବେ । କିନ୍ତୁ ଏହି ସର୍ବେକ୍ଷଣ ସମୟରେ କେହି କହିବେ ନାହିଁ ଯେ ସେମାନେ ଏଭଳି ଭାବେ ଆକ୍ରାନ୍ତ ହୋଇଥିଲେ ।

୬) ତତ୍ତ୍ୱରେ ପ୍ରଭାବ ମଡେଲ ଅଚଳ ନୁହେଁ

ଗୁରୁତ୍ୱପୂର୍ଣ୍ଣ ସମସ୍ୟାଟି ହେଲା 'ପ୍ରଭାବ ମଡେଲ'ର ସାମଗ୍ରିକ ଯୁକ୍ତି କୌଣସି ତତ୍ତ୍ୱଗତ କାରଣ ଦ୍ୱାରା ସନ୍ନିବେଶିତ ନୁହେଁ । ଏହା ଏକ ପରିକଳ୍ପନା ଯେଉଁଥିରେ ଗଣମାଧ୍ୟମ ଏକ ନିର୍ଦ୍ଦିଷ୍ଟ ପ୍ରଭାବ ସୃଷ୍ଟି କରୁଥିବା ଅନୁମାନ କରାଯାଇଥାଏ । ତାହାଲେ ପ୍ରଶ୍ନ ଉଠେ ଯଥେଷ୍ଟ ଭାବେ ବିକଶିତ ହୋଇ ନ ଥିବା ଏକ ବିଷୟବସ୍ତୁ ଅନୁସରଣ କରିବା ପାଇଁ ଗଣମାଧ୍ୟମ ଜନତାଙ୍କୁ କାହିଁକି ବାଧ୍ୟ କରିଥାଏ । ଏକଥା ମଧ୍ୟ ପ୍ରଶ୍ନ ଉଠେ ଯେ ଗଣମାଧ୍ୟମରେ ପ୍ରଦର୍ଶିତ ଭାବଭଙ୍ଗୀ ଦେଖି ଜଣେ ବ୍ୟକ୍ତି ସେହି ନିର୍ଦ୍ଦିଷ୍ଟ ଧାରାରେ କାହିଁକି ଆଚରଣ ପ୍ରଦର୍ଶନ କରିଥାଏ ।

## ୨.୬ ବିକାଶ ଓ ଯୋଗାଯୋଗରେ ବିକଳ୍ପ ଢାଞ୍ଚାର ଉଦ୍ଭବ

ଐତିହାସିକ ପ୍ରସଙ୍ଗ :

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆମେରିକା ସୁପରପାୱାର ହେବା ପରେ ଆମେରିକୀୟ ସମାଜ ବିଜ୍ଞାନୀମାନେ 'ତୃତୀୟ ବିଶ୍ୱ' ବିକାଶର ସମସ୍ୟା ଅନୁଧ୍ୟାନ କରିଥିଲେ । ଏହାଦ୍ୱାରା ଆଧୁନିକ ମତବାଦ ଆରମ୍ଭ ହୋଇଥିଲା ଯାହା ୧୯୫୦ ଦଶକରେ ବିକାଶ କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଥିଲା । ବିକାଶ କ୍ଷେତ୍ରରେ ଏହି ମତବାଦର

ଯଥେଷ୍ଟ ପ୍ରାଧାନ୍ୟ ରହିଥିବାରୁ ସମାଜବିଜ୍ଞାନୀ ରୋଗର ଏହାକୁ ବିକାଶର ପ୍ରାଧାନ୍ୟ ତତ୍ତ୍ୱ ବୋଲି କହିଥିଲେ । ଏହି ମଡେଲରେ ଉତ୍ପାଦିକା, ଅର୍ଥନୈତିକ ଅଭିବୃଦ୍ଧି, ଶିଳ୍ପାୟନ, ସହରୀକରଣ, କେନ୍ଦ୍ରୀଭୂତ ଯୋଜନା ଓ ବିକାଶର ଅନ୍ତର୍ଜାତ ଉପାଦାନ, ମୋଟ ଜାତୀୟ ଉତ୍ପାଦ ଭିତ୍ତିରେ ବିକାଶର ପରିମାପ ଆଦି ପ୍ରତି ଗୁରୁତ୍ୱାରୋପ କରାଗଲା । ବୈଷୟିକ ବିକାଶରେ ଯୋଗାଯୋଗର ଯେ ଭୂମିକା ରହିଛି ତାହା ଚିହ୍ନଟ କରିଥିଲେ ଡାନିଏଲ ଲର୍ନର ଓ ୱିଲବର ସ୍କ୍ରାମ୍ । ବିବର୍ତ୍ତନ ତତ୍ତ୍ୱ ଦ୍ୱାରା ଯଥେଷ୍ଟ ଭାବେ ପ୍ରଭାବିତ ହୋଇ ଆମେରିକୀୟ ସମାଜ ବିଜ୍ଞାନୀଗଣ ଆଧୁନିକୀକରଣକୁ ଏକ ପର୍ଯ୍ୟାୟ, ଅପ୍ରତିହତ, ପ୍ରଗତିଶୀଳ ଓ ଦୀର୍ଘ ପ୍ରକ୍ରିୟା ଭାବେ ପରିକଳ୍ପନା କଲେ । ଏହାକୁ ଆମେରିକା ମଡେଲ ମଧ୍ୟ କୁହାଗଲା । ପାର୍ସନଙ୍କ ଫଙ୍କସନାଲିଷ୍ଟ ତତ୍ତ୍ୱ ଦ୍ୱାରା ପ୍ରଭାବିତ ହୋଇ ସମାଜବିଜ୍ଞାନୀ ଆଧୁନିକତାକୁ ପରମ୍ପରା ଅସଙ୍ଗତ ଦୃଷ୍ଟିରେ ଦେଖିଲେ । ପରବର୍ତ୍ତୀ ସମୟରେ ଆମେରିକା ସମାଜ ବିଜ୍ଞାନୀମାନେ ଆମେରିକା ମୂଲ୍ୟବୋଧକୁ ତୃତୀୟ ବିଶ୍ୱ ରାଷ୍ଟ୍ର ନକଲ କରିବା ଉଚିତ୍ ବୋଲି ମତ ଦେଇଥିଲେ । ଆମେରିକା ଋଣ ଓ ସହାୟତା ଉପରେ ନିର୍ଭର କରି ଏହି ରାଷ୍ଟ୍ରଗୁଡ଼ିକ ନିଜର ପାରମ୍ପରିକ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ମତ ଦେଇଥିଲେ ।

ତେବେ ଏହି ଆଧୁନିକୀକରଣ ଯୋଜନା ୧୯୬୦ ଦଶକରେ ଲାଟିନ ଆମେରିକାରେ ବିଫଳ ହେବା ପରେ ନବ୍ୟ ମାର୍କ୍ସ ମତବାଦର ଉତ୍ପତ୍ତି ଘଟିଥିଲା । ଫଳରେ ଗବେଷକମାନେ ନିଜ ମୌଳିକ ପରିକଳ୍ପନାରେ ପରିବର୍ତ୍ତନ ଆଣିଥିଲେ । ଆଧୁନିକ ମତବାଦର ସଦ୍ୟ ପରିବର୍ତ୍ତନକୁ ଗବେଷକମାନେ 'ନବ୍ୟ ଆଧୁନିକ ମତବାଦ' ବା 'ନିର୍ଭରଶୀଳ ମତବାଦ' ବୋଲି ଅଭିହିତ କଲେ । ନିର୍ଭରଶୀଳ ମତବାଦ ଆଧୁନିକ ମତବାଦକୁ ସମାଲୋଚନା କରି ଏହା ସାମ୍ରାଜ୍ୟବାଦର ସମର୍ଥକ ବୋଲି ଦର୍ଶାଇଥାଏ । ପାଶ୍ଚାତ୍ୟ ରାଷ୍ଟ୍ର ଓ ତୃତୀୟ ବିଶ୍ୱ ରାଷ୍ଟ୍ରର ସମ୍ପର୍କରେ ବାହ୍ୟ ଚାପ, ଶୋଷଣ, ନିର୍ଭରଶୀଳତା, ବିକାଶ ଅସଙ୍ଗତ ଆର୍ଥିକ ସମ୍ପର୍କ ରହିଥାଏ ବୋଲି ନିର୍ଭରଶୀଳ ମତବାଦରେ କୁହାଯାଏ । ଏହି କାରଣରୁ ବିକାଶର ସ୍ୱୟଂଶାସିତ ଓ ସ୍ୱାଧୀନ ମାର୍ଗର ପ୍ରୋତ୍ସାହନ ନିମନ୍ତେ ତୃତୀୟ ବିଶ୍ୱ ରାଷ୍ଟ୍ର ପାଶ୍ଚାତ୍ୟ ରାଷ୍ଟ୍ରଠାରୁ ସମ୍ପର୍କ ଛିନ୍ନ କରିବା ଆବଶ୍ୟକ ବୋଲି ଏହି ମତବାଦ ଯୁକ୍ତି ଦର୍ଶାଇଥାଏ । ତେବେ ୧୯୭୦ ଦଶକରେ ନିର୍ଭରଶୀଳ ମତବାଦ ସମାଲୋଚନାର ଶିକାର ହେବା ପରିପ୍ରେକ୍ଷୀରେ ଏହାର ଗବେଷକମାନେ ମୌଳିକ ପରିକଳ୍ପନାରେ ପରିବର୍ତ୍ତନ ଆଣିଥିଲେ । ସେମାନେ ମତ ଦେଲେ ଯେ 'ନିର୍ଭରଶୀଳତା କେବଳ ଆର୍ଥିକ ନୁହେଁ, ଏହା ସାମାଜିକ-ରାଜନୈତିକ ପ୍ରକ୍ରିୟା । ନିର୍ଭରଶୀଳତା ଏକ ବାହ୍ୟ ସମ୍ପର୍କ ନୁହେଁ, ଏହା ଇତିହାସ ନିର୍ଦ୍ଧାରିତ ଅନ୍ତଃ ସମ୍ପର୍କ । ନିର୍ଭରଶୀଳତା ସହ ତାଳ ଦେଇ ବିକାଶ ଚାଲେ । ନିର୍ଭରଶୀଳତାର ଏକ ନୂଆ ଦିଗ ଭାବେ ଏହା ଆରମ୍ଭ ହେଲା ଯାହା 'ନବ୍ୟ ନିର୍ଭରଶୀଳତା ମତବାଦ' ଭାବେ ବିବେଚିତ ହେଲା ।

ତେବେ ନିର୍ଭରଶୀଳ ମତବାଦ ଆଧୁନିକ ମତବାଦକୁ ସମ୍ପୂର୍ଣ୍ଣ ପରିସମାପ୍ତି କରିବାରେ ସମର୍ଥ ହୋଇପାରି ନାହିଁ । ସେହିପରି ଆଧୁନିକ ମତବାଦ ନିର୍ଭରଶୀଳ ମତବାଦ ସିଦ୍ଧାନ୍ତକୁ ଅବୈଧ କହିବାରେ ମଧ୍ୟ ସମର୍ଥ ହୋଇପାରି ନାହିଁ । ବିକାଶ କ୍ଷେତ୍ରରେ ଉଭୟ ମତବାଦର ସହାବସ୍ଥାନ ୧୯୭୦ ଦଶକରେ ବୌଦ୍ଧିକ ଚେତନାର ସୂତ୍ରପାତ କରିଥିଲା । ୧୯୭୦ ଦଶକ ମଧ୍ୟଭାଗ ସୁଦ୍ଧା ନିର୍ଭରଶୀଳ ମତବାଦ ଓ ଆଧୁନିକ ମତବାଦ ମଧ୍ୟରେ ଥିବା ବିଭେଦ ହ୍ରାସ ପାଇବାକୁ ଲାଗିଲା । ତୃତୀୟ ରାଷ୍ଟ୍ର ବିକାଶକୁ ନେଇ ହେଉଥିବା ବିତର୍କ କମ ନୀତିନିଷ୍ଠ ତଥା ଆବେଗିକ ହେଲା । ଏହି ସମୟରେ ଇମାନ୍ୟୁଏଲ ୱାଲରଷ୍ଟେନଙ୍କ ନେତୃତ୍ୱରେ ଏକ ଚରମବାଦୀ ଗବେଷକ

ଗୋଷ୍ଠୀ ପୁଞ୍ଜିବାଦୀ ବିଶ୍ୱ ଅର୍ଥନୀତିରେ ନୂଆ କାର୍ଯ୍ୟକଳାପ ସମ୍ପର୍କରେ ଲକ୍ଷ୍ୟ କଲେ । ନିର୍ଭରଶୀଳତା ଦୃଷ୍ଟିକୋଣ ପରିସୀମା ମଧ୍ୟରେ ଏହାକୁ ବର୍ଣ୍ଣନା କରାଯାଇପାରିଲା ନାହିଁ । ଫଳରେ ବିଶ୍ୱ ବ୍ୟବସ୍ଥା ଦୃଷ୍ଟିକୋଣର ଉଦ୍ଭବ ଘଟିଲା । ୧୯୭୦ ଦଶକର ଗୁରୁତ୍ୱପୂର୍ଣ୍ଣ ଘଟଣାଗୁଡ଼ିକୁ ଏହା ନୂଆ ଆଭିମୁଖ୍ୟର ସହ ବାଖ୍ୟା କଲା । ପୂର୍ବ ଏସିଆ ଶିଳ୍ପାୟନ, ସମାଜବାଦ ରାଷ୍ଟ୍ର ସଙ୍କଟ, ପୁଞ୍ଜିବାଦୀ ବିଶ୍ୱ ଅର୍ଥନୀତିର ଅବନତି ଆଦି ବିଷୟ ନୂଆ ବାଖ୍ୟାନରେ ଅନ୍ତର୍ଭୁକ୍ତ ହେଲା । ପ୍ରଥମେ ନିର୍ଭରଶୀଳ ମତବାଦ ଓ ପରେ ଫ୍ରେଞ୍ଚ ଆନାଲ ମତବାଦ ଦ୍ୱାରା ପ୍ରଭାବିତ ବିଶ୍ୱ ବ୍ୟବସ୍ଥା ଗବେଷକମାନେ ସାମଗ୍ରିକ ଭାବେ ପରୀକ୍ଷାନିରୀକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଲେ ।

ବିଭିନ୍ନ ପ୍ରଭାବଶାଳୀ ତତ୍ତ୍ୱର ଅନୁସରଣ କରୁଥିବା ବିକାଶମୁଖୀ ରାଷ୍ଟ୍ରରେ ସଠିକ୍ ଭାବେ ବିକାଶ କାର୍ଯ୍ୟ ହେଉ ନ ଥିବା ଦେଖାଗଲା । ଫଳରେ ଜନସାଧାରଣ ବିକାଶର ବିକଳ୍ପ ମାର୍ଗ ପାଇଁ ଚିନ୍ତା କଲେ । ୧୯୬୦ ଓ ୧୯୭୦ ଦଶକ ଶେଷକୁ କେତେକ ବିଶ୍ୱ ଘଟଣା ତଥା ବୁଦ୍ଧିଜୀବୀଙ୍କ ମତାମତ ପରିପ୍ରେକ୍ଷୀରେ ଆଧୁନିକ ଓ ବିକାଶର ପ୍ରତିଷ୍ଠିତ ତତ୍ତ୍ୱ ଓ ପ୍ରାଧାନ୍ୟ ବିସ୍ତାରକାରୀ ତତ୍ତ୍ୱରେ ଆଞ୍ଚ ଆଣିଲା । ଫଳରେ ୩୦ ବର୍ଷ ଧରି ପ୍ରଚଳିତ ତତ୍ତ୍ୱ ବିଶ୍ୱସନୀୟ ହୋଇପାରିଲା ନାହିଁ । ଫଳାଫଳର ଗଭୀର ଅନୁଧ୍ୟାନ ଓ ନୂଆ ଚିନ୍ତାଧାରାର ପ୍ରତିଫଳନ ପୂର୍ବ ତତ୍ତ୍ୱ ପ୍ରତି ସନ୍ଦେହ ପ୍ରକାଶ କରିବା ସହ ପ୍ରଶ୍ନବାଚୀ ସୃଷ୍ଟି କଲା । ଏହାଫଳରେ ବିକଳ୍ପ ତତ୍ତ୍ୱର ଅଭ୍ୟୁଦୟ ଘଟିଲା।

କେବଳ ମୋଟ ଜାତୀୟ ଉତ୍ପାଦନ ଓ ମୁଣ୍ଡପିଛା ଆୟ ଦ୍ୱାରା ଆର୍ଥିକ ଅଭିବୃଦ୍ଧି ଆକଳନ କରାଯାଇପାରିବ ନାହିଁ । ଏଥିପାଇଁ ଉଭୟ ଆବଶ୍ୟକ । କିନ୍ତୁ କୌଣସି ଲକ୍ଷ୍ୟ ନ ରହିଲେ ଏହା ବିକାଶର ଆଭିମୁଖ୍ୟକୁ ପରାହତ କରିବ । ଅଭିବୃଦ୍ଧିର ଏକ ବୃହତ୍ତମ ଅଂଶ ସମାଜର ସ୍ୱଳ୍ପ ସଂଖ୍ୟକ ଆଗୁଆ ବ୍ୟକ୍ତିମାନଙ୍କ ନିକଟକୁ ଚାଲିଯାଇ ସଂଖ୍ୟାଧିକ ଜନତାକୁ ଦୁର୍ବିସହ ଆଡ଼କୁ ମଧ୍ୟ ଠେଲି ଦେଇଥାଏ । ତେଣୁ ଜନତା ଓ ସମାଜ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ । ଅର୍ଥାତ ସେବା ଓ ଦ୍ରବ୍ୟର ସମବଣ୍ଟନ ଆବଶ୍ୟକ ।

ବିଗତ ତିନି ଦଶନ୍ଧିର ବିକାଶମୂଳକ ପଦକ୍ଷେପ ମୋଟାମୋଟି ଅନୁକରଣଶୀଳ ହୋଇଥିବାରୁ ବହୁ ସମୟରେ ଏହା ଦିଗହରା ହୋଇଛି । ପାଶ୍ଚାତ୍ୟ ଦୃଷ୍ଟିକୋଣ ସମ୍ପନ୍ନ ସଂଖ୍ୟାଲଘୁ ସମ୍ଭ୍ରାନ୍ତ ବିକାଶର ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ନିଷ୍ପତ୍ତି ନେଇଥାନ୍ତି । ସାଧାରଣ ଜନତାଙ୍କର ନିଷ୍ପତ୍ତିରେ ବିଶେଷ କିଛି କହିବାର ନ ଥାଏ । ବହୁ ତୃତୀୟ ବିଶ୍ୱ ରାଷ୍ଟ୍ରରେ ଆଜ୍ଞାଧୀନ ବା ଦମନମୂଳକ ଶାସନ ବ୍ୟବସ୍ଥା ରହିଛି । କେଉଁଠି ଖଣ୍ଡିତ ଗଣତନ୍ତ୍ର ରହିଛି । ଅଧିକ ସମତୁଲ ଅଭିବୃଦ୍ଧି ନିମନ୍ତେ ଏକ ନୂତନ ପ୍ରତିଷ୍ଠାନିକ ନୀତି, ଜନସାଧାରଣ ଓ ସେମାନଙ୍କ ସଂଗଠନକୁ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଭୂମିକା ପ୍ରଦାନର ଆବଶ୍ୟକତା ରହିଛି ।

ସାରା ବିଶ୍ୱର ବିକାଶମୂଳକ ପ୍ରକ୍ରିୟାରେ ପରିବେଶ ପ୍ରତି ସମ୍ବେଦନଶୀଳତା ନ ଥିବା ପରିଲକ୍ଷିତ ହେଉଛି। ଏହାର ବିଷମ ପରିଣତି ରହିଛି । ପରିବେଶର ଅବିଚାରିତ ଶୋଷଣ ଯୋଗୁ ଅନେକ ସଭ୍ୟତା ଧ୍ୱଂସ ପାଇଥିବାର ସ୍ୱାକ୍ଷର ଇତିହାସ ବହନ କରିଛି । ବିକାଶ ଯୋଜନାରେ ଯେଉଁ ଗୁରୁତ୍ୱପୂର୍ଣ୍ଣ ବିଷୟଟି ସ୍ଥାନିତ ହେଉ ନ ଥିବା ଦେଖାଯାଉଛି ତାହା ହେଲା ନିରନ୍ତର ଜୀବିକା । ଅଧିକାଂଶ ବିକାଶମୁଖୀ ରାଷ୍ଟ୍ର ନିଜର ସମ୍ବଳ ଓ ସୀମରେଖା ପ୍ରତି ସଚେତନ ନ ରହି ଜାଣତରେ ହେଉ ବା ଅଜାଣତରେ ହେଉ ପାଶ୍ଚାତ୍ୟ ରାଷ୍ଟ୍ରର ନକଲ କରିବାକୁ ଉଦ୍ୟମ କରୁଛନ୍ତି।

ଆତ୍ମନିର୍ଭରଶୀଳତା ଉତ୍ତମ ଅଟେ । କିନ୍ତୁ ବିଶ୍ୱ ସ୍ତରରେ ପାରସ୍ପରିକ ନିର୍ଭରଶୀଳତାକୁ ଉପେକ୍ଷା କରାଯାଇପାରିବ ନାହିଁ । ନିଜର ବିକାଶ ଧାରାକୁ ସମ୍ଭବ କରିବା ପାଇଁ ବିକାଶଶୀଳ ରାଷ୍ଟ୍ର ବିକାଶମୁଖୀ ରାଷ୍ଟ୍ରର ବହୁ ଗୁରୁତ୍ୱପୂର୍ଣ୍ଣ ସମ୍ବଳ ଉପରେ ନିର୍ଭର କରିଆସିଛନ୍ତି ଓ କରିଚାଲିଛନ୍ତି । ଏହାଦ୍ୱାରା ସେମାନଙ୍କ ବିକାଶଧାରା ଅବ୍ୟାହତ ରହିପାରିଛି । ପାରସ୍ପରିକ ନିର୍ଭରଶୀଳତା କେବଳ କଞ୍ଚାମାଲ ବା ଅର୍ଦ୍ଧପ୍ରକ୍ରିୟାକରଣ ସାମଗ୍ରୀ ମଧ୍ୟରେ ସୀମିତ ନୁହେଁ । ତୃତୀୟ ବିଶ୍ୱ ରାଷ୍ଟ୍ରର ତାଲିମପ୍ରାପ୍ତ ଦକ୍ଷତା ଉପରେ ମଧ୍ୟ ପାଶ୍ଚାତ୍ୟ ରାଷ୍ଟ୍ର ନିର୍ଭର କରିଥାଏ । ପ୍ରାଧାନ୍ୟ ବିସ୍ତାରକାରୀ ବିକାଶ ତତ୍ତ୍ୱର ବିକଳ୍ପ ଗ୍ରହଣ ନିମନ୍ତେ ୪ଟି ବିଶ୍ୱ ଘଟଣାକୁ କାରଣ ଭାବେ ରୋଗର ଚିହ୍ନଟ କରିଛନ୍ତି।

ଯେଉଁମାନେ ପରିବେଶ ପ୍ରସଙ୍ଗ ପ୍ରତି ଅନୁକମ୍ପାଶୀଳ ସେମାନେ ବିକାଶଶୀଳ ରାଷ୍ଟ୍ରରେ ପ୍ରଦୂଷଣକୁ ନେଇ ବିତସ୍ପୃହ । ଏହାଦ୍ୱାରା ପ୍ରଶ୍ନ ଉଠିଥାଏ ସର୍ବୋପରି ସେମାନେ ବିକାଶର ଆଦର୍ଶ ମଡେଲ ହୋଇପାରିବେ କି ?

ପ୍ରଦୂଷଣ ସମସ୍ୟା, ଅଧିକ ଜନସଂଖ୍ୟା ଦ୍ୱାରା ଉପଲବ୍ଧ ସମ୍ବଳର ଉପଯୋଗ ଯୋଗୁ ସନ୍ଦେହ ଉପୁଜିଥାଏ ଯେ ଏ ପ୍ରକାର ଅସରନ୍ତି ଅଭିବୃଦ୍ଧି ସମ୍ଭବ ନା ଆବଶ୍ୟକ କି ? ବିକାଶ ପାଇଁ ଉଚ୍ଚ ବୈଷୟିକ ପ୍ରଯୁକ୍ତି ଅଧିକ ଯୁକ୍ତିଯୁକ୍ତ କି ? ଏହି କାରଣରୁ ସମବଣ୍ଟନ ବିକାଶର ଲାଭକୁ ନେଇ ଥିବା ତତ୍ତ୍ୱ ବିଶ୍ୱାସ  ହରାଉଛି ।

ଲାଟିନ ଆମେରିକା, ଏସିଆ ଓ ଆଫ୍ରିକାର ଅନ୍ୟ ବିକାଶମୁଖୀ ରାଷ୍ଟ୍ର ପାଇଁ ବିଶ୍ୱ ତୈଳ ସଙ୍କଟ ଏକ ଶିକ୍ଷା ଅଟେ । ଏଥିରୁ ଜଣାଯାଏ ଯେ ଅନୁନ୍ନତତାର କାରଣ କେବଳ ଆଭ୍ୟନ୍ତରୀଣ ନୁହେଁ । ହଠାତ୍ ଚୀନ ସହ ଅନ୍ତର୍ଜାତୀୟ ସମ୍ପର୍କ ପ୍ରତିଷ୍ଠା କରି ଚୀନର ବିକାଶ ମାର୍ଗ ସମ୍ପର୍କରେ ବିଶ୍ୱ ପୁଙ୍ଖାନୁପୁଙ୍ଖ ଧାରଣା ପାଇପାରିଲା । ବୈଦେଶିକ ସହାୟତା ବ୍ୟତିରେକ ଦୁଇ ଦଶନ୍ଧିରେ ଆଧୁନିକତାର ଆଶ୍ଚର୍ଯ୍ୟ ସୃଷ୍ଟି କରିପାରିଥିଲା

ପ୍ରାଧାନ୍ୟ ତତ୍ତ୍ୱ ଭିତ୍ତିରେ ଗ୍ରହଣ କରାଯାଉଥିବା ବିକାଶ କାର୍ଯ୍ୟକ୍ରମ ଆଶାଜନକ ଫଳାଫଳ ଲାଭ କରିପାରୁ ନାହିଁ । ଫଳରେ ଏହାର ସଂଶୋଧନ ଆବଶ୍ୟକ ପଡୁଛି । ପୂର୍ବରୁ ଆଲୋଚିତ ତିନିଟି ଯାକ ସଂଶୋଧନ ଗୋଟିଏ ପ୍ରସଙ୍ଗକୁ ନେଇ ହୋଇଛି, ତାହା ହେଲା ବିକାଶ ଓ ଅନୁନ୍ନତତାର କାରଣ । ପ୍ରଭାବଶାଳୀ ବିକାଶମୂଳକ କାର୍ଯ୍ୟକ୍ରମ କିପରି କାର୍ଯ୍ୟକାରୀ କରାଯିବ ପ୍ରଶ୍ନର ସମାଧାନ ଏହି ସଂଶୋଧିତ ତତ୍ତ୍ୱ ଦ୍ୱାରା ମଧ୍ୟ ହୋଇପାରୁ ନାହିଁ । ୧୯୫୦ ଦଶକର ପ୍ରାଧାନ୍ୟ ତତ୍ତ୍ୱ ଓ ୧୯୭୦ ଦଶକର ନୂଆ ତତ୍ତ୍ୱ ହେଉଛି ଦୁଇଟି ତତ୍ତ୍ୱ ଯାହା ଅନୁନ୍ନତତାର କାରଣ ବିଶ୍ଳେଷଣ ଓ କାର୍ଯ୍ୟକାରିତାର ସମସ୍ୟା ସମ୍ପର୍କରେ ଆଲୋଚନା କରିଛି । ଏହି ସମସ୍ତ ଘଟଣାରୁ ବିକାଶର ଅନେକ ବିକଳ୍ପ ମାର୍ଗ ରହିଥିବା ଜଣାପଡ଼ିଥିଲା । ନିଜର ଆବଶ୍ୟକତା ଓ ବିକାଶର ଢାଞ୍ଚାକୁ ନେଇ ପ୍ରତ୍ୟେକ ରାଷ୍ଟ୍ର ଭିନ୍ନଭିନ୍ନ ବିକଳ୍ପ ବିକାଶ ମାର୍ଗ ଗ୍ରହଣ କରିପାରିବେ । ଅତୀତର ବିକାଶମୂଳକ ତତ୍ତ୍ୱ ମୂଳରେ ଥିବା ସମସ୍ତ ବିକାଶ ମଡେଲର ପ୍ରତିକ୍ରିୟାରେ 'ନବ୍ୟ ବିକାଶ ତତ୍ତ୍ୱ' ବା 'ବିକଳ୍ପ ତତ୍ତ୍ୱ'ର ପରିପ୍ରକାଶ ଘଟିଲା । ବିକାଶ ତତ୍ତ୍ୱବିତ୍ ଏବଂ ପେସାଦାରମାନେ ପ୍ରଥମ ଥର ପାଇଁ ବିକାଶ ମଡେଲରେ କେତେକ ନୂଆ ବିଷୟ ସଂଯୋଗ କଲେ ଯାହା ପୂର୍ବରୁ ଗୁରୁତ୍ୱ ପାଇ ନ ଥିଲା ।

## ବିକାଶର ଚିନ୍ତାଧାରା : କଣ ଓ କାହା ପାଇଁ ବିକାଶ ?

ଆବଶ୍ୟକତା ଭିତ୍ତିକ, ଆତ୍ମନିର୍ଭର, ସୁସ୍ଥ ପରିବେଶଗତ, ସହଜାତ ବିକାଶର ଧାରାକୁ ବିକଳ୍ପ ବିକାଶ କୁହାଯାଇଥାଏ । ଏହା ଗାଠନିକ ରୂପାନ୍ତର ଉପରେ ପର୍ଯ୍ୟବେକ୍ଷିତ । ଏହାର ଲକ୍ଷ୍ୟ ହେଲା ମନୁଷ୍ୟର ଆବଶ୍ୟକତା ପୂରଣ କରିବା ଓ ଶୋଷିତ ଅବହେଳିତଙ୍କ ପ୍ରତି ଦୃଷ୍ଟି ଦେବା । ସମାନତା, ବାକ୍ ସ୍ୱାଧୀନତା ଓ ସୃଜନଶୀଳତାର ଗୁରୁତ୍ୱକୁ ଏହା ସ୍ୱୀକୃତି ପ୍ରଦାନ କରିଥାଏ । ପ୍ରତ୍ୟେକ ସମାଜ ନିଜ ସଂସ୍କୃତି ଓ ମୂଲ୍ୟବୋଧ ଅନୁଯାୟୀ କାର୍ଯ୍ୟ କରିବା ପାଇଁ ସ୍ୱାଧୀନ । ଭବିଷ୍ୟତ ପାଇଁ ନିଜ ବିଚାରଧାରା ସ୍ପଷ୍ଟ କରିବା କ୍ଷେତ୍ରରେ ମଧ୍ୟ ସ୍ୱାଧୀନ । କୌଣସି ସାର୍ବଜନୀନ ମଡେଲ ଲଦିଦେଇ ହେବ ନାହିଁ । ପ୍ରତ୍ୟେକ ସମାଜ ନିଜେନିଜେ ଗଢ଼ିହେବେ । ବିକାଶ ପାଇଁ ସମାଜକୁ ନିଜସ୍ୱ ଆଭ୍ୟନ୍ତରୀଣ ଶକ୍ତି ଉପରେ ନିର୍ଭର କରିବାକୁ ପଡ଼ିବ । ଏହି ମଡେଲରେ ଜୈବ ବିବିଧତାର ନ୍ୟାୟସଂଗତ ଉପଯୋଗ ଅନ୍ତର୍ଭୁକ୍ତ କରାଯାଇଛି । ବାହ୍ୟ ପରିସର ପ୍ରତି ସମ୍ମାନବୋଧ ରହିବା ଆବଶ୍ୟକ ଓ ସ୍ଥାନୀୟ ପରିବେଶକୁ ସମ୍ବେଦନଶୀଳ ଭାବେ ପରିଚଳନା କରାଯିବା ଆବଶ୍ୟକ । ସ୍ୱୟଂଶାସନ ଦକ୍ଷତାକୁ ଅଧିକ ଶକ୍ତିଶାଳୀ କରାଯିବା ଆବଶ୍ୟକ । ବିକାଶର ଚିନ୍ତାଧାରାରେ ନିମ୍ନ ଉପାଦାନଗୁଡ଼ିକୁ ସ୍ଥାନିତ କରାଯାଇଛି ।

- ଆବଶ୍ୟକ ଭିତ୍ତିକ : ଉଭୟ ବସ୍ତୁ ଓ ଅଣବସ୍ତୁ ଭିତ୍ତିରେ ମଣିଷର ଆବଶ୍ୟକତାକୁ ଚାହିଁ ବିକାଶ ତ୍ୱରାନ୍ୱିତ ହେବା ଆବଶ୍ୟକ । ଅବହେଳିତ ଓ ଶୋଷିତ ଅବସ୍ଥାରେ ଥିବା ବିଶ୍ୱର ସଂଖ୍ୟାଧିକ ଜନତାଙ୍କଠାରୁ ଏହା ଆରମ୍ଭ ହେବା ଆବଶ୍ୟକ ।
- ସହଜାତ : ପ୍ରତ୍ୟେକ ସମାଜର ହୃଦୟରୁ ବିକାଶର ପରିସ୍ଫୁଟ ହେବା ଆବଶ୍ୟକ । ଏହାର ଭବିଷ୍ୟତ ଦୃଷ୍ଟିକୋଣ ମୂଲ୍ୟବୋଧ ସ୍ୱାଧୀନ ବୋଲି ନିର୍ଦ୍ଧାରିତ କରାଯାଇଛି ।
- ଆତ୍ମନିର୍ଭର : ନିଜ ସଦସ୍ୟଙ୍କ ଶକ୍ତି, ପ୍ରାକୃତିକ ଓ ସାଂସ୍କୃତିକ ପରିବେଶ ଭିତ୍ତିରେ ପ୍ରତ୍ୟେକ ସମାଜ ମୁଖ୍ୟତଃ ନିଜସ୍ୱ ଶକ୍ତି ଓ ସମ୍ବଳ ଉପରେ ନିର୍ଭର କରିବା ଆବଶ୍ୟକ ।
- ପରିବେଶ ଅନୁକୂଳ : ସ୍ଥାନୀୟ ଜୀବଜଗତ ସମ୍ପର୍କରେ ସମ୍ପୂର୍ଣ୍ଣ ସଚେତନ ରହି ଜୈବ ବିବିଧତା ସମ୍ବଳର ଯୁକ୍ତିସଙ୍ଗତ ଉପଯୋଗକୁ ବିକାଶରେ ସ୍ଥାନିତ କରାଯିବା ଉଚିତ୍ । ଏଥିସହ ବିଶ୍ୱ ପରିବେଶ ସମ୍ପର୍କରେ ମଧ୍ୟ ସଚେତନ ରହିବା ଆବଶ୍ୟକ ।
- ବିକାଶର ମାର୍ଗ: ତତ୍ତ୍ୱ : ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରାଧାନ୍ୟବାଦୀ ତତ୍ତ୍ୱକୁ ନେଇ ରୋଗର୍ସ ଏହାର ପ୍ରମୁଖ ସମସ୍ୟା ଓ ପ୍ରାକ୍‌ଚିନ୍ତାଧାରକୁ ନେଇ ସ୍ପଷ୍ଟ ମତପ୍ରକାଶ କରିଥିଲେ । ସେ ଯୁକ୍ତି ଦର୍ଶାଇଥିଲେ ଯେ ନବ୍ୟ ଓ ବିକଳ୍ପ ତତ୍ତ୍ୱରେ ବିକାଶର ଦିଗରେ ପରିବର୍ତ୍ତନ ଘଟୁଛି । ଏହି ତତ୍ତ୍ୱର ଫଳାଫଳ ହେଲା ବିକାଶରେ ଯୋଗାଯୋଗର ବିକଳ୍ପ ଚିନ୍ତାଧାରା । ବିକାଶଶୀଳ ଯୋଗାଯୋଗର ନୂଆ ଚିନ୍ତାଧାରାରେ ଥିବା କେତେକ ତତ୍ତ୍ୱ ହେଲା : ଆତ୍ମବିକାଶ, ଆତ୍ମନିର୍ଭର, ଯୋଗାଯୋଗ ପ୍ରଭାବ ତାରତମ୍ୟ, ନୂଆ ଯୋଗାଯୋଗ ପ୍ରଯୁକ୍ତି ଓ ନୂଆ ତତ୍ତ୍ୱର ସହଯୋଗମୂଳକ ଆଭିମୁଖ୍ୟ ସମ୍ପର୍କିତ ଧାରଣା ।
- ଆତ୍ମବିକାଶ : ଆର୍ଥିକ ଓ ସାମାଜିକ ଜୀବନରେ ବ୍ୟକ୍ତିର ସହଭାଗିତା ସମ୍ପର୍କରେ ଏହି ଆଭିମୁଖ୍ୟ ଦୃଷ୍ଟି ଦେଇଥାଏ । ସ୍ଥାନୀୟ ସ୍ତରରେ ଏକ କ୍ଷୁଦ୍ର ଗୋଷ୍ଠୀର ଦୃଷ୍ଟିକୋଣରୁ ରୋଗର୍ସ ଆତ୍ମବିକାଶ ଚିହ୍ନଟ କରିଥିଲେ।

ଯାହାର ମୌଳିକ ଦାୟିତ୍ୱ ହେଲା (୧) ଗ୍ରାମ ବା ପଡ଼ୋଶୀଙ୍କ ପାଇଁ ଆବଶ୍ୟକ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ନିଷ୍ପତ୍ତି ନେବା (୨) ବିକାଶ ଲକ୍ଷ୍ୟ ହାସଲ ପାଇଁ ଯୋଜନା ପ୍ରସ୍ତୁତି (୩) ବିକାଶମୂଳକ କାର୍ଯ୍ୟ ପାଇଁ ଆବଶ୍ୟକ ସରକାରୀ ଓ ବେସରକାରୀ ସମ୍ବଳ ଆହରଣ କରିବା। ପୂର୍ବର ଶୀର୍ଷରୁ ନିମ୍ନ ଆଭିମୁଖ୍ୟ ବିକାଶଧାରାଠାରୁ ଏହା ଭିନ୍ନ । ପୂର୍ବ ଚିନ୍ତାଧାରାରେ ସରକାର ଜନତାଙ୍କ ପାଇଁ ଗ୍ରହଣ କରୁଥିବା କାର୍ଯ୍ୟକ୍ରମକୁ ବିକାଶ ବୋଲି ଗ୍ରହଣ କରାଯାଉଥିଲା ।

- ଆତ୍ମନିର୍ଭର : ଆତ୍ମନିର୍ଭରଶୀଳ ହେଉଛି ସ୍ଥାନୀୟ ସମ୍ବଳ ପ୍ରତି ଗୁରୁତ୍ୱ ଦେଇ ସ୍ୱାଧୀନ ଭାବେ ବିକାଶ କରିବା। ରୋଗର୍ସଙ୍କ ଯୁକ୍ତି ଅନୁଯାୟୀ ବିକାଶର ବାହ୍ୟ ମଡେଲକୁ ଆତ୍ମନିର୍ଭର ଅସ୍ୱୀକାର କରିଥାଏ। ଏହାର ଉଦ୍ଦେଶ୍ୟ ହେଲା ପ୍ରତ୍ୟେକ ରାଷ୍ଟ୍ର ବା ଗ୍ରାମ ନିଜସ୍ୱ ମାର୍ଗରେ ବିକଶିତ ହୋଇପାରିବେ । ଦିଶନାଏକଙ୍କ ମତରେ ବାହ୍ୟ ରାଜନୈତିକ ଚାପ ଓ ବାଣିଜ୍ୟିକ ଢାଞ୍ଚାର ହ୍ରାସ ବା ନିରାକରଣ କରାଯିବା ହେଉଛି ଆତ୍ମନିର୍ଭରଶୀଳ ମାର୍ଗ। କାରଣ ଏହି ବାହ୍ୟ ଚାପ ଓ ବାଣିଜ୍ୟ କାରବାର ସହ ବିକାଶଶୀଳ ରାଷ୍ଟ୍ର ଦ୍ୱାରା ବିକାଶମୁଖୀ ରାଷ୍ଟ୍ରର ଶୋଷଣ ନିହିତ ଥାଏ ।

- ଯୋଗାଯୋଗ ପ୍ରଭାବ ତାରତମ୍ୟ : ଯୋଗାଯୋଗ ପ୍ରଭାବର ତାରତମ୍ୟତା ଅର୍ଥ ହେଉଛି ବିକାଶରେ ସାମାଜିକ- ଅର୍ଥନୈତିକ ସୁବିଧାରେ ଯେ କେବଳ ତାରତମ୍ୟ ଦେଖା ଦେଇଥାଏ ସେକଥା ନୁହେଁ, ଥିଲାବାଲା ଓ ନ ଥିଲାବାଲାଙ୍କ ମଧ୍ୟରେ ଜ୍ଞାନ ଓ ସୂଚନାର ତାରତମ୍ୟ ରହିଥାଏ । ଏହାଦ୍ୱାରା ବିକାଶର ଦିଗ ପ୍ରଭାବିତ ହୋଇଥାଏ ।

- ନୂଆ ଯୋଗାଯୋଗ ପ୍ରଯୁକ୍ତି ଓ ବିକାଶ : ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ଦିଗରେ ଉପଗ୍ରହ, ପ୍ରସାରଣ ସେବା, କେବୁଲ ଟେଲିଭିଜନ, କମ୍ପ୍ୟୁଟର ଆଦି ନୂଆ ଯୋଗାଯୋଗ ପ୍ରଯୁକ୍ତିର ଯେଉଁ ଦକ୍ଷତା ରହିଛି ତାହା ତୃତୀୟ ବିଶ୍ୱ ରାଷ୍ଟ୍ରରେ ସୀମିତ । ତେବେ ପ୍ରଯୁକ୍ତିର ନୂତନତା ଅର୍ଥ ପ୍ରଯୁକ୍ତି ନିଜେ ନୁହେଁ । ଏହାର ଅର୍ଥ ହେଉଛି ନୂତନ ଯୋଗାଯୋଗ ଉପକରଣ କିପରି ଆହରଣ କରି ଉପଯୋଗ କରାଯାଇପାରିବ । ଜନସାଧାରଣ କେଉଁ ଭଳି ପ୍ରଯୁକ୍ତି ସଂଗଠିତ କରି ସୂଚନା ଗ୍ରହଣ କରି ଆଲୋଚନା କରିପାରିବେ । ଏହି ତତ୍ତ୍ୱରେ ରୋଗର୍ସ ବିଛୁରଣ ମଡେଲକୁ ନେଇ ନିଜ ମତରେ କେତେକ ପରିବର୍ତ୍ତନ କରିଥିଲେ । ରୋଗର୍ସ ଯୁକ୍ତି ଦର୍ଶାଇଲେ ଯେ ବିକାଶ ପାଇଁ ପ୍ରଯୁକ୍ତି ବିତରଣ ସହ ସାମାଜିକ ସର୍ଜନାର ଆବଶ୍ୟକତା ରହିଛି । ନବସର୍ଜନା ତୁଳନାରେ ସର୍ଜନାରେ ଯୋଗାଯୋଗ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତ ଦେଇଥିଲେ । ଦ୍ୱିତୀୟତଃ କିପ୍ରକାର ଯୋଗାଯୋଗ ଏବଂ କେଉଁଭଳି ଭାବେ କରାଯାଉଛି ତାହା ଉପରେ ତାହା ଭିତ୍ତିରେ ବାର୍ତ୍ତା ଗ୍ରହଣୀୟ ହୋଇଥାଏ ବା ଅଗ୍ରାହ୍ୟ ହୋଇଥାଏ ।

- ସହଯୋଗମୂଳକ ଯୋଗାଯୋଗ ମଡେଲ : ଶୀର୍ଷରୁ ନିମ୍ନ ଯୋଗାଯୋଗ ମଡେଲର ସମାଲୋଚନାରୁ ସହଯୋଗମୂଳକ ଯୋଗାଯୋଗ ମଡେଲର ଉତ୍ପତ୍ତି । ସବୁ ବିକାଶମୂଳକ କାର୍ଯ୍ୟକ୍ରମରେ ଗୁରୁତ୍ୱପୂର୍ଣ୍ଣ ହେଲା ମଣିଷର ବିକାଶ । ଏଥିସହ ଜନ ସହଯୋଗରେ ଯୋଜନା ଓ ବିକାଶର କାର୍ଯ୍ୟକାରିତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ । ଜନତାଙ୍କ ପାଇଁ ଦୃଷ୍ଟିକୋଣରୁ ଏହା ହେବା ଉଚିତ୍ ନୁହେଁ । ତେଣୁ ସହଯୋଗମୂଳକ ଯୋଗାଯୋଗ ମଡେଲକୁ 'ମାଧ୍ୟମ' ଓ 'ଶେଷ' ଭାବେ ଗ୍ରହଣ କରାଯାଇପାରେ । ରିୟାନ ଓ କାପଲାନଙ୍କ ମତରେ ଯୋଗାଯୋଗର ଏ ପ୍ରକାର ଦୃଷ୍ଟିଭଙ୍ଗୀରୁ ବିକାଶର ନୂଆ ମଡେଲ ସୃଷ୍ଟି । ଏଥିରେ ମଣିଷର ସମସ୍ତ ସ୍ୱାଧୀନତା

ରହିଥାଏ ଏବଂ ମଣିଷ ଶୋଷଣ ଓ ଅବହେଳାରୁ ମୁକ୍ତ ରହିଥାଏ। ପାଉଲୋ ଫ୍ରେୟାରେ ସ୍ୱାଧୀନତା ପାଇଁ ସହଯୋଗମୂଳକ ମଡେଲ ଦୃଢ଼ ସମର୍ଥକ । କେନ୍ଦ୍ର ଓ ଲାଟିନ ଆମେରିକାର ପାଶ୍ଚାତ୍ୟ ଶିକ୍ଷାଧାରାର ସମାଲୋଚନା କରି ଶିକ୍ଷା ଓ ଯୋଗାଯୋଗକୁ ଗ୍ରହଣ ଅଭିମୁଖୀ କରିବାକୁ ଫ୍ରେୟାରେ ଓ ଇଲିଚ୍ ପ୍ରସ୍ତାବ ରଖିଛନ୍ତି ।

- ସହଯୋଗମୂଳକ ଯୋଗାଯୋଗରେ ଗଣମାଧ୍ୟମର ଭୂମିକା : ବିକାଶମୂଳକ ପ୍ରକ୍ରିୟାରେ ଜନ ସହଯୋଗ ଦିଗରେ ମୁଖ୍ୟ ଭୂମିକା ବିକାଶମୂଳକ ଯୋଗାଯୋଗ ତୁଲାଇଥାଏ । ଏଥିରେ ଜନତାଙ୍କୁ ଶକ୍ତି ତଥା କର୍ତ୍ତା ଭାବେ ଗ୍ରହଣ କରାଯିବା ଆବଶ୍ୟକ । ନୂଆ ପ୍ରଯୁକ୍ତିର ସୁନ୍ଦର ବିଶ୍ୱରେ ଆମେ ଭାସିଯିବା ସହଜ । ଆମେ କିଛି କ୍ଷଣ ପାଇଁ ଭାବିବା ଆବଶ୍ୟକ ଯେ ଯୋଗାଯୋଗ ଜ୍ଞାନ ବା ସୂଚନା ଉତ୍ପାଦନ ପାଇଁ ନୁହେଁ, ବରଂ ଜନତାଙ୍କ ନିକଟରେ ପହଞ୍ଚିବାର ଏହା ଏକ ଦକ୍ଷତା । ସର୍ବୋପରି ସମସ୍ତ ବିକାଶ ଯୋଜନାକାରୀ ବା ଯୋଗାଯୋଗ ବିଶେଷଜ୍ଞଙ୍କ ମୁଖ୍ୟ ଉଦ୍ଦେଶ୍ୟ ହେଲା କାର୍ଯ୍ୟ ପାଇଁ ଜନସାଧାରଣଙ୍କୁ ସଂଗଠିତ କରିବା ଓ ନିଜ ସମସ୍ୟା ସମାଧାନ ପାଇଁ ସଶକ୍ତୀକରଣ କରିବା । ତେଣୁ ନିଜ ସେବାକୁ ଆମେ ସହଯୋଗମୂଳକ ଯୋଗାଯୋଗ ଭାବେ ଚିହ୍ନଟ କରିବା ସହ ସ୍ୱୀକୃତି ପ୍ରଦାନ କରିବା ଆବଶ୍ୟକ । ଏହାର ମୁଖ୍ୟ ଆଭିମୁଖ୍ୟ ହେଲା ନିଜ ପାଇଁ ସ୍ୱର ଉତ୍ତୋଳନ କରିବାରେ ସଶକ୍ତୀକରଣ କରିବା ଏବଂ ଅଞ୍ଚଳ, ରାଷ୍ଟ୍ର, ସମ୍ପ୍ରଦାୟ, ସାମାଜିକ ଗୋଷ୍ଠୀ ମଧ୍ୟରେ ଥିବା ଯୋଗାଯୋଗ ତାରତମ୍ୟ ଦୂର କରିବା ।

- ଉଦାହରଣ ସ୍ୱରୂପ ବାଂଲାଦେଶରେ ପୁଷ୍ଟି, ଦୃଷ୍ଟିହୀନତା ନିରାକରଣ କାର୍ଯ୍ୟକ୍ରମ (ଏନବିପିପି)ରେ ବସ୍ତୁତଃ ଏହି ରୋଗର ସମ୍ପୂର୍ଣ୍ଣ ନିରାକରଣ କରାଯାଇପାରିଥିଲା । ଏହି ରୋଗରେ ଦେଶର ବାର୍ଷିକ ୩୦ ହଜାର ଶିଶୁ ଅନ୍ଧତ୍ୱର ଶିକାର ହେଉଥିଲେ । ଭିଟାମିନ 'କ' ଅଭାବରୁ ଅନ୍ଧାରକଣା ରୋଗର ଶିକାର ହେଉଥିଲେ । ଦେଶରେ ୧୯୮୪ ମସିହାରେ ଏନବିପିପି ଆରମ୍ଭ ହେଲା । ଏହି କାର୍ଯ୍ୟକ୍ରମ ପାଇଁ ୪୦୦ ମସିହା ସ୍ୱେଚ୍ଛାସେବୀଙ୍କ ଏକ ଗୋଷ୍ଠୀ ଗଢ଼ାଗଲା । ଏମାନେ ସ୍ଥାନୀୟ ବିଦ୍ୟାଳୟ, ଶିକ୍ଷକ, ମାତୃତ୍ୱ ଓ କ୍ଲବଗୁଡ଼ିକ ସହଯୋଗ କଲେ । ଏହି କାର୍ଯ୍ୟକ୍ରମ ସଂପର୍କରେ ଜନସଚେତନତା ସୃଷ୍ଟି ପାଇଁ ରେଡିଓ କାର୍ଯ୍ୟକ୍ରମ, ପୋଷ୍ଟର, ଲୋକନୃତ୍ୟ, ବିଜ୍ଞାପନ, ଭ୍ରାମ୍ୟମାଣ ଚଳଚ୍ଚିତ୍ର ଆଦି ପ୍ରସ୍ତୁତ କରାଗଲା । ଏହାର ଦୁଇଟି ଆଭିମୁଖ୍ୟ ରହିଲା। ଗୋଟିଏ ହେଲା ପୁଷ୍ଟିହୀନତା ଯୋଗୁ ଅନ୍ଧତ୍ୱ ଓ ଏହାର କିପରି ନିରାକରଣ କରାଯାଇପାରିବ ସେ ସମ୍ପର୍କରେ ଜନସଧାରଣଙ୍କୁ ଅବଗତ କରାଇବା ଗଣମାଧ୍ୟମ ସହଯୋଗରେ ସ୍ଥାନୀୟ କାର୍ଯ୍ୟାନ୍ୱୟନ ଜରିଆରେ ଏହି ଲକ୍ଷ୍ୟ ହାସଲ ପାଇଁ ପଦକ୍ଷେପ ଗ୍ରହଣ କରାଗଲା ।

- ବିକାଶର ନୈତିକ ଦୃଷ୍ଟିଭଙ୍ଗୀ : ନୈତିକତା ହେଉଛି ଦର୍ଶନ ଶାସ୍ତ୍ରର ଏକ ଅଙ୍ଗ ଯାହା ବ୍ୟକ୍ତିର ଆଚରଣଗତ ମୂଲ୍ୟବୋଧ ସମ୍ପର୍କରେ ସୂଚନା ଦେଇଥାଏ । ବ୍ୟକ୍ତି କାର୍ଯ୍ୟର ଭୁଲ, ଠିକ୍, ଭଲ, ମନ୍ଦ ଆଦିକୁ ଏହା ସୂଚିତ କରିଥାଏ । ଏହି ଦୃଷ୍ଟିଭଙ୍ଗୀରେ ବିକାଶ ପ୍ରସଙ୍ଗ, ତତ୍ତ୍ୱ ଓ ନୀତି ନିର୍ଦ୍ଧାରଣରେ ମାନବିକ କାର୍ଯ୍ୟର ନୈତିକ ନ୍ୟୂନତା ଆଦି ବିଶ୍ଳେଷଣ ପାଇଁ ଉଦ୍ୟମ ହୋଇଥିଲା । ଏହାର ନିଷ୍କର୍ଷ ଅନୁଯାୟୀ ବିକାଶ ସମ୍ପର୍କରେ ଆଲୋଚନା ବା ସିଦ୍ଧାନ୍ତ ଗ୍ରହଣ ସମୟରେ ଚାପ ଓ ନିର୍ଭରମୁକ୍ତ ପରିବେଶରେ ବ୍ୟକ୍ତିର ଶାରୀରିକ, ମାନସିକ, ସାମାଜିକ, ସାଂସ୍କୃତିକ, ଆଧ୍ୟାତ୍ମିକ ଦିଗକୁ ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ । ଏତଦ୍‌ବ୍ୟତୀତ ସ୍ଥାନୀୟ ସାଂସ୍କୃତିକ ପରମ୍ପରାର ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯିବା ଆବଶ୍ୟକ ।

ବିକାଶ ରାଷ୍ଟ୍ର ସ୍ତର ବା ଆଞ୍ଚଳିକସ୍ତରୀୟ ହୋଇପାରେ । ଏ କ୍ଷେତ୍ରରେ ବ୍ୟକ୍ତି ବା ଗୋଷ୍ଠୀର ବିକାଶ ଅବହେଳିତ ହୋଇଥାଏ । ପରିପାର୍ଶ୍ୱରେ ରହୁଥିବା ବହୁ ସଂଖ୍ୟକ ମନୁଷ୍ୟଙ୍କ ପ୍ରତି ବିକାଶ ଯେପରି ଦୁର୍ଦ୍ଦଶା ନ ଆଣେ ସେଥିପ୍ରତି ଲକ୍ଷ୍ୟ ରଖାଯିବା ଆବଶ୍ୟକ । ବିକାଶ ଓ ଦାରିଦ୍ର୍ୟର ସହାବସ୍ଥାନକୁ ଆମେ ଅନୁଭବ କରିଛେ। ବ୍ୟକ୍ତି କ୍ଷେତ୍ରରେ ବିକାଶ ଓ ଦାରିଦ୍ର୍ୟ ଏକତ୍ର ସହାବସ୍ଥାନ କରିପାରିବେ ନାହିଁ । ରାଷ୍ଟ୍ର ବ୍ୟକ୍ତି ନୁହେଁ । ଆମର ଧାରଣା ଯେ ରାଷ୍ଟ୍ରର ବିକାଶ ଘଟିଲେ ଦାରିଦ୍ର୍ୟ ଦୂର ହୋଇଥାଏ । କିନ୍ତୁ ଏହା ସତ୍ୟ ନୁହେଁ । ଅନ୍ୟପକ୍ଷରେ ବିକାଶ ପ୍ରକ୍ରିୟାରେ ଏପରି ଚରିତ୍ର ରହିଛି ଯାହା ଅଧିକ ଦାରିଦ୍ର୍ୟ ସୃଷ୍ଟି କରିଥାଏ । ଦ୍ୱିତୀୟତଃ ଦାରିଦ୍ର୍ୟ ମଧ୍ୟରୁ ବିକାଶର ଧାରା ମଧ୍ୟ ସୃଷ୍ଟି ହୋଇଥାଏ । ଧନୀ ଓ ଶକ୍ତିଶାଳୀଙ୍କ ବିନିମୟରେ ଗଣଶୋଷଣ କରୁଥିବା ଯେକୌଣସି ନୀତି ନୈତିକ ଦୃଷ୍ଟିରୁ ଅକ୍ଷମଣୀୟ ।

ଭବିଷ୍ୟତର ଆବଶ୍ୟକତା ହେଲା ସୁବିଧାର ସମବଣ୍ଟନ ଓ ସମସ୍ତ ସାମାଜିକ ଓ ଆର୍ଥିକ ବର୍ଗର ବିକାଶ। ନୀତି ନିର୍ଦ୍ଧାରକମାନେ ନିଜ କାର୍ଯ୍ୟକଳାପ ଦ୍ୱାରା ମାନବିକ ଦୁର୍ଦ୍ଦଶା ବୃଦ୍ଧି କରିବାରେ ସହାୟକ ହେବା ଉଚିତ୍ ନୁହେଁ। ମାନବିକ ବିକାଶ ଅର୍ଥାତ ମନୁଷ୍ୟର ଦୁର୍ଦ୍ଦଶା ହ୍ରାସ କରାଯିବା ଦିଗରେ ମାନବିକ ବିକାଶରେ ଦୃଷ୍ଟି ଦିଆଯିବାର ଆବଶ୍ୟକତା ରହିଛି । ମାନବିକ ବିକାଶ ରିପୋର୍ଟ (୧୯୯୨) ଅନୁଯାୟୀ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ତାରତମ୍ୟ ବୃଦ୍ଧି ପାଇଁ ଧନୀ ଓ ସମ୍ଭ୍ରାନ୍ତ ରାଷ୍ଟ୍ରଗୁଡ଼ିକର ଅବଦାନ ବହୁ ପରିମାଣରେ ରହୁଛି । ଅତି ଗରିବ ଓ କମ୍ ଶକ୍ତିଶାଳୀ ରାଷ୍ଟ୍ରକୁ ସୁବିଧା ଦେବାରେ ବିଶ୍ୱ ବଜାର ବିଫଳ ହେଉଛି ।

ପ୍ରଥମତଃ ବିଶ୍ୱ ବାଣିଜ୍ୟ ସମ୍ପୂର୍ଣ୍ଣ ଭାବେ ମୁକ୍ତ ଓ ଉନ୍ମୁକ୍ତ ହୋଇଥିବାବେଳେ ଏହା ଶକ୍ତିଶାଳୀଙ୍କୁ ସୁବିଧା ପ୍ରଦାନ ଦିଗରେ ସାଧାରଣତଃ କାର୍ଯ୍ୟ କରିଥାଏ । ଗରିବ ଓ ବିକାଶମୁଖୀ ରାଷ୍ଟ୍ରଗୁଡ଼ିକ ଏହି ବଜାରରେ ଆସିମ ଅଂଶୀଦାର ଭାବେ ରହିଥାନ୍ତି । ଫଳରେ ସେମାନଙ୍କ ସୁବିଧା ସୁଯୋଗରେ ଅସମାନତା ରହିଥାଏ । ଦ୍ୱିତୀୟତଃ ଯେଉଁ କ୍ଷେତ୍ରରେ ବିକାଶମୁଖୀ ରାଷ୍ଟ୍ରର ପ୍ରତିଦ୍ୱନ୍ଦ୍ୱିତା ସାମର୍ଥ୍ୟ ରହିଥାଏ ସେ କ୍ଷେତ୍ରରେ ବଜାର ନିୟମର ପରିବର୍ତ୍ତନ ଘଟି ମୁକ୍ତ ଓ ଉନ୍ମୁକ୍ତ ପ୍ରତିଦ୍ୱନ୍ଦ୍ୱିତାକୁ ବାରଣ କରାଯାଇଥାଏ ।

**ସମୀକ୍ଷା :**

ପ୍ରତ୍ୟେକ ସଫଳତାର କିଛି ସୁବିଧା ରହିଛି ଓ କିଛି ସମସ୍ୟା ମଧ୍ୟ ରହିଛି । ତେଣୁ ବିକଳ୍ପ ବିକାଶ ତତ୍ତ୍ୱରେ ବିକାଶର ଅନେକ ଆଦର୍ଶଗତ ଆଭିମୁଖ୍ୟ ରହିଥିଲେ ମଧ୍ୟ ଏହା କେତେକ ସମସ୍ୟାରୁ ମୁକ୍ତ ନୁହେଁ। ନୂତନ ବା ବିକଳ୍ପ ତତ୍ତ୍ୱରେ ସହଯୋଗର ଏକକ ମଡେଲ ନାହିଁ । ଯୋଗାଯୋଗ ବିକାଶର ନୂଆ ତତ୍ତ୍ୱରେ ଦର୍ଶକ ଅଭିମୁଖୀ ଓ ଅଂଶୀଦାରମୂଳକ ପରିପାର୍ଶ୍ୱର ବ୍ୟକ୍ତି ବିକାଶ ପ୍ରତି ଏହା ଗୁରୁତ୍ୱ ପ୍ରଦାନ କରିଥାଏ ।

**ନିରନ୍ତର ଜୀବିକା ବିକାଶ ପରିବେଶ ଅନୁକୂଳ :**

ଯଦିଓ ଅଧିକାଂଶ ନୀତି ନିର୍ଦ୍ଧାରକ ଓ ବିକାଶ ଯୋଜନାକାରୀ ଏହି ନୀତିକୁ ଗ୍ରହଣ କରିଥାନ୍ତି ଦୁଃଖର ବିଷୟ ଏହା ସକ୍ରିୟ ଅଭ୍ୟାସରେ ପରିଣତ ନ ହୋଇ ତତ୍ତ୍ୱ ମଧ୍ୟରେ ସୀମିତ ହୋଇ ରହିଯାଇଛି। ବିଶ୍ୱରେ ନିରନ୍ତର ଜୀବିକା ବିକାଶ ଦିଗରେ ଉଦ୍ୟମ ଖୁବ୍ କମ ହେଉଥିବା ଦୁଃଖର ବିଷୟ ।

ଯୋଗାଯୋଗର ଭାଗିଦାରୀ ଆଭିମୁଖ୍ୟ କେତେ ପ୍ରଶ୍ନବାଚୀ ସୃଷ୍ଟି କରିଥାଏ ଯାହା ଅସମାହିତ ହୋଇ ରହିଛି। ନିମ୍ନରୁ ଉର୍ଦ୍ଧ୍ୱ ଆଭିମୁଖ୍ୟରେ ଅଂଶଗ୍ରହଣ ପାଇଁ କେଉଁ ବ୍ୟକ୍ତିବିଶେଷଙ୍କୁ ମନୋନୟନ କରାଯିବ ?

## ୨.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧) ଗରିବ ଓ ବିକାଶମୁଖୀ ରାଷ୍ଟ୍ର ଅସମ ସହଯୋଗୀ ଭାବେ ବଜାର ପ୍ରବେଶ କରିଥାନ୍ତି ଏବଂ ଅସମତା ମଧ୍ୟରେ ପରିତ୍ୟାଗ କରିଥାନ୍ତି । ତୁମ ମତରେ ଏହି ବାକ୍ୟ କଣ ବୁଝାଏ ? ଉତ୍ତର ସମର୍ଥନରେ କେତେକ ଉଦାହରଣ ଦିଅ ।

୨) ତୃତୀୟ ପକ୍ଷ ପ୍ରଭାବ ସମ୍ପର୍କରେ ବର୍ଣ୍ଣନା କର ?

୩) ଆଦ୍ୟ ଗବେଷକମାନେ ଗଣମାଧ୍ୟମ ପ୍ରଭାବକୁ ମାତ୍ରାଧିକ ଭାବେ ଆକଳନ କରିଥିଲେ । ଏଥିସହ ତୁମେ ସହମତ କି ? ଗଣମାଧ୍ୟମ ପ୍ରଭାବ ଅନୁଧ୍ୟାନ କରିବା ପାଇଁ ତୁମ ମତରେ କେଉଁଟି ଉପଯୁକ୍ତ ମାର୍ଗ ।

୪) ଚଳଚ୍ଚିତ୍ର ସମାଜରେ ହିଂସା ସୃଷ୍ଟି କରେ ? ଯୁକ୍ତର ସହ ବୁଝାଅ ।

# ତୃତୀୟ ଏକକ :
# କାର୍ଯ୍ୟସୂଚୀ ପ୍ରସ୍ତୁତି ଓ ସ୍ପାଇରାଲ ଅଫ ସାଇଲେନ୍‌ସ (ନୀରବ ଘୂର୍ଣ୍ଣନ)

ବିଷୟ ଗଠନ :

୩.୧ ପଠନର ଉଦ୍ଦେଶ୍ୟ
୩.୨ ଉପକ୍ରମଣିକା
୩.୩ କାର୍ଯ୍ୟସୂଚୀ ପ୍ରସ୍ତୁତି ତତ୍ତ୍ୱ
୩.୪ ସ୍ପାଇରାଲ ଅଫ ସାଇଲେନ୍‌ସ ତତ୍ତ୍ୱ
୩.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

## ୩.୧ ପଠନର ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପରିସମାପ୍ତି ପରେ ବିଦ୍ୟାର୍ଥୀ ନିମ୍ନ ବିଷୟ ଜାଣିପାରିବେ ।

- ଗଣମାଧ୍ୟମର କାର୍ଯ୍ୟସୂଚୀ ପ୍ରଣୟନ ତତ୍ତ୍ୱ ସଂକ୍ରାନ୍ତ ପୁଙ୍ଖାନୁପୁଙ୍ଖ ବିବରଣୀ ।
- ସ୍ପାଇରାଲ ଅଫ ସାଇଲେନ୍‌ସ ତତ୍ତ୍ୱ ଓ ସଂଖ୍ୟାଲଘୁ ଉପରେ ଏହାର ପ୍ରଭାବର ବିବରଣୀ ।

## ୩.୨ ଉପକ୍ରମଣିକା

ଦୂର ଓ ନିକଟ ଘଟଣା ସମ୍ପର୍କରେ ଅବଗତ କରିବାରେ ଗଣମାଧ୍ୟମ ଆମକୁ ସହାୟତା କରିଥାଏ । ରାଜନୈତିକ, ଆର୍ଥିକ, ସାଂସ୍କୃତିକ ଓ ସାମାଜିକ ଘଟଣାବଳୀ ସମ୍ପର୍କରେ ଏହା ଆମକୁ ସୂଚନା ପ୍ରଦାନ କରିଥାଏ । ଗଣ ଯୋଗାଯୋଗ ହେଉଛି ଏକ ପ୍ରକ୍ରିୟା ଯେଉଁଥିରେ ପେସାଦାର ଯୋଗାଯୋଗକାରୀ ପ୍ରଯୁକ୍ତିର ଉପଯୋଗ କରି ଦୂରଦୂରାନ୍ତ ପର୍ଯ୍ୟନ୍ତ ସୂଚନା ପ୍ରେରଣ କରି ଜନଗଣଙ୍କୁ ପ୍ରଭାବିତ କରିଥାନ୍ତି । ଜାତୀୟ ସଂହତି ରକ୍ଷା କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ । ଯଦି ଗଣମାଧ୍ୟମ ପକ୍ଷଭୁକ୍ତ ଏବଂ ଦିଗହରା ହୁଏ ତାହାଲେ କ'ଣ ହେବ ବୋଲି ଚିନ୍ତା କରିଛନ୍ତି କି ? ଏହି ଅଧ୍ୟାୟରେ କାର୍ଲ ମାର୍କ୍ସ ଦର୍ଶନ (ଉନବିଂଶ ଶତାବ୍ଦୀ) ଓ ପ୍ଲାଟୋ ଦର୍ଶନ (ଖ୍ରୀଷ୍ଟପୂର୍ବ ୪୦୭ -୩୨୭) ଏବଂ ଗଣମାଧ୍ୟମ ପ୍ରତି ଏହାର ପ୍ରଭାବ ସମ୍ପର୍କରେ ଅବଗତ ହେବା । ଯଦି ଗଣମାଧ୍ୟମର ଅପବ୍ୟବହାର ହୁଏ ତାହାଲେ ଦୁର୍ନୀତି ଦେଖାଦେବା ସହ ସାଧାରଣ ଜନତା ଦିଗହରା ହେବେ ବୋଲି କଥିତ ତତ୍ତ୍ୱରେ ପୂର୍ବାନୁମାନ କରାଯାଇଛି ।

## ୩.୩ କାର୍ଯ୍ୟସୂଚୀ ପ୍ରସ୍ତୁତି ତତ୍ତ୍ୱ

କାର୍ଯ୍ୟସୂଚୀ ପ୍ରସ୍ତୁତି ତତ୍ତ୍ୱ ହେଉଛି ଏକ ପ୍ରକ୍ରିୟା ଯେଉଁଥିରେ ଆମେ କ'ଣ ଚିନ୍ତାକରୁ ଏବଂ କେଉଁ ସମ୍ପର୍କରେ ବିବ୍ରତ ହେଉ ତାହା ଗଣମାଧ୍ୟମ ନିର୍ଦ୍ଧାରଣ କରେ । ଜନସ୍ୱାର୍ଥ ମାମଲାରେ ମତଦାତାଙ୍କୁ ପ୍ରଭାବିତ କରିବାର ଶକ୍ତି ଗଣମାଧ୍ୟମର ଥିବା ସମ୍ପର୍କରେ ଏଥିରେ ବର୍ଣ୍ଣନା କରାଯାଇଛି । ଯେତେବେଳେ ଏକ ନିର୍ଦ୍ଦିଷ୍ଟ

ପ୍ରସଙ୍ଗର ଖବର ଗଣମାଧ୍ୟମରେ ବାରମ୍ବାର ପ୍ରସାରିତ ହୁଏ ସେତେବେଳେ ଏହାକୁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ଜନସାଧାରଣ ଧରିନେଇଥାନ୍ତି । ଉଦାହରଣ ସ୍ୱରୂପ ପେଟ୍ରୋଲ ଦର ବୃଦ୍ଧି ଖବର ଯଦି ବ୍ୟାପକ ଭାବେ ପ୍ରସାରିତ କରାଯାଏ ତାହାଲେ ଏହା ସ୍ୱତଃ ଆମ ମନରେ ରହିଯାଏ ।

କେତେକ ବିଶ୍ୱାସ ସମ୍ପର୍କରେ ବ୍ୟକ୍ତିର ଦୃଷ୍ଟିକୋଣ ସୂଚୀ ପ୍ରସ୍ତୁତିକୁ ପ୍ରଭାବିତ କରିଥାଏ । ଉଦାହରଣ ସ୍ୱରୂପ ଜଣେ ବ୍ୟକ୍ତି ଯଦି ରାଜନୈତିକ ପ୍ରସଙ୍ଗ ପ୍ରତି ଅଧିକ ସମ୍ବେଦନଶୀଳ ତାହାଲେ ସେ ରାଜନୈତିକ ଖବରକୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବିବେଚନା କରିଥାନ୍ତି । ତାଙ୍କର ଅଧିକାଂଶ ଆଲୋଚନାରେ ଏହା ମୁଖ୍ୟ ବିଷୟ ହୋଇଥାଏ । ତେଣୁ ପ୍ରସାରଣର ଦୀର୍ଘତା ଓ ଜନତାଙ୍କ ପାଇଁ ଗୁରୁତ୍ୱ ଯୋଗୁ ଖବରଟି ଗୁରୁତ୍ୱପୂର୍ଣ୍ଣ ବୋଲି ଜନସାଧାରଣ ମନେ କରିଥାନ୍ତି।

କାର୍ଯ୍ୟସୂଚୀର ଏକ ସାଧାରଣ ଧାରଣା ହେଲା ଯେ ମଧ୍ୟସ୍ଥ ଦ୍ୱାରା ଦୃଶ୍ୟମାନ ଘଟଣାକୁ ନେଇ ଜନତାଙ୍କୁ ପ୍ରଭାବିତ କରିବା । ଏହି ଘଟଣା ଯେପରି ଜନତାଙ୍କ ମନରେ ସତେଜ ରୁହେ ତାହା ମଧ୍ୟସ୍ଥ କରିଥାନ୍ତି । ଏହା ଅର୍ଦ୍ଧଶତାବ୍ଦୀ ଧରି ଗଣମାଧ୍ୟମର ଅଂଶ ହୋଇ ରହିଆସିଛି । ତେଣୁ ଗଣମାଧ୍ୟରେ ଆମେ କ'ଣ ଶୁଣିବାକୁ ଚାହୁଁ ତାହା ପ୍ରେସ ମନୋନୀତ କରି ସମାଜ ପାଇଁ ଏକ କାର୍ଯ୍ୟଖସଡ଼ା ପସ୍ତୁତ କରିଥାଏ ।

**ତତ୍ତ୍ୱର ପ୍ରଣେତା :**

ୱାଲଟର ଲିପ୍‌ମ୍ୟାନଙ୍କ ଦ୍ୱାରା ରଚିତ ପୁରୁଣା ପୁସ୍ତକ ପବ୍ଲିକ ଓପିନିୟନରେ ଗଣମାଧ୍ୟମରେ ସୂଚୀ ପ୍ରସ୍ତୁତି ସମ୍ପର୍କରେ ପ୍ରଥମେ ଲେଖାଯାଇଥିଲା । ଲେଖକ ପ୍ରଥମ ପରିଚ୍ଛେଦର ଶୀର୍ଷକ ରଖିଥିଲେ 'ଦି ୱାର୍ଲଡ ଆଉଟସାଇଡ ଆଣ୍ଡ ଦି ପିକ୍‌ଚର ଇନ୍ ଆୱାର ହେଡ୍'। ଲିପ୍‌ମ୍ୟାନଙ୍କ ଗଣମାଧ୍ୟମ ଆମ ମନରେ ବିଶ୍ୱର ଏକ ଛବି ସୃଷ୍ଟି କରିଥାନ୍ତି। କିନ୍ତୁ ସେ ଆଶଙ୍କା କରିଛନ୍ତି ଯେ ଗଣମାଧ୍ୟମ ଦ୍ୱାରା ସୃଷ୍ଟି ଛବି ବେଳେବେଳେ ଅସ୍ପଷ୍ଟ ଓ ଅସମ୍ପୂର୍ଣ୍ଣ ହୋଇଥାଏ ।


ୱାଲଟର ଲିପ୍‌ମ୍ୟାନ

ମନ ମଧ୍ୟରେ ଦୃଶ୍ୟାବଳୀକୁ ରୂପ ଦେବାରେ ଗଣମାଧ୍ୟମର ଭୂମିକା ରହିଥିବା ସମ୍ପର୍କରେ ଧାରଣାକୁ ୧୯୭୨ ମସିହାରେ ପ୍ରୟୋଗାତ୍ମକ ଭାବେ ପରୀକ୍ଷଣ କରାଗଲା । ଡକ୍ଟର ମାକ୍ସ୍‌ୱେଲ ମ୍ୟାକ୍‌କମ୍ବ, ଡୋନାଲ୍ଡ୍‌ସ୍ ଓ ଜି.ରାଓ ଫଙ୍କହାଉସର ୧୯୬୮ ମସିହାରେ କାର୍ଯ୍ୟସୂଚୀ ପ୍ରସ୍ତୁତି ତତ୍ତ୍ୱ ନାମରେ ଗଣମାଧ୍ୟମ ତତ୍ତ୍ୱ ପ୍ରସ୍ତୁତ କରିଥିଲେ । ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଗଣମାଧ୍ୟମ ଦ୍ୱାରା ଦୈନିକ ଖବର ମନୋନୟନ ଓ ପ୍ରସାରଣ ସାଧାରଣ ଜନତାଙ୍କ ଚିନ୍ତାଧାରାକୁ ପ୍ରଭାବିତ କରୁଥିବା ଧାରଣା ସମ୍ପର୍କରେ 'ଚାପେଲ ହିଲ୍ ଷ୍ଟଡି' ନାମରେ ଏକ ଅନୁଧ୍ୟାନ ନ୍ୟୁ କାରୋଲିନାଠାରେ ହୋଇଥିଲା। ମାକ୍ସୱେଲ ମ୍ୟାକ୍‌କମ୍ବ ଓ ଡୋନାଲ୍ଡ୍‌ସଙ୍କ ଅନୁଧ୍ୟାନର ମୂଳ ଉଦ୍ଦେଶ୍ୟ ଥିଲା ଖବର ଓ ଜନତାଙ୍କ ସୂଚୀ ମଧ୍ୟରେ କିଛି ସମ୍ପର୍କ ରହିଛି କି ନାହିଁ ତାହା ଅନୁସନ୍ଧାନ କରିବା । ଦ୍ୱିତୀୟତଃ ଜନସାଧାରଣଙ୍କ ଉପରେ ଗଣମାଧ୍ୟମର ପ୍ରଭାବ ସମ୍ପର୍କରେ ସେମାନେ ଜାଣିବାକୁ ଚାହିଁଥିଲେ ।

ଏହା ଅଧିକ ବୈଜ୍ଞାନିକସମ୍ମତ ଥିଲା ଓ ଜନସାଧାରଣ କାହିଁକି ଗୋଟିଏ ଖବର ପ୍ରତି ଅଗ୍ରାଧିକାର ଦେଇଥାନ୍ତି ତାହା ଏଥିରେ ବର୍ଣ୍ଣନା କରାଯାଇଥିଲା । ଏହାର ଫଳାଫଳ ୧୯୭୨ ମସିହାରେ ପବ୍ଲିକ ଓପିନିୟନ ତ୍ରୟମାସିକରେ ପ୍ରକାଶ ପାଇଥିଲା । ଏହି ଅନୁଧ୍ୟାନରେ ନିର୍ବାଚନ ସମୟରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଗଣମାଧ୍ୟମ କ'ଣ ପ୍ରଦର୍ଶନ କରିଥାନ୍ତି ଏବଂ ଜନସାଧାରଣ କଣ ଚାହାଁନ୍ତି ତାହା ମଧ୍ୟରେ ସମ୍ପର୍କ ରହିଛି କି ନାହିଁ ସେ ସମ୍ପର୍କରେ ଜାଣିବାକୁ ଉଦ୍ୟମ ହୋଇଥିଲା । ସମଗ୍ର ଅନୁଧ୍ୟାନ ସମୟରେ ଗବେଷକ ଜାଣିବାକୁ ପାଇଥିଲେ ଯେ ଗଣମାଧ୍ୟମ କାର୍ଯ୍ୟସୂଚୀ ଓ ଜନତାଙ୍କ ସୂଚୀ ମଧ୍ୟରେ ସମ୍ପର୍କ ରହିଛି ଯୋଗାଯୋଗ ତତ୍ତ୍ୱ ଅନୁଯାୟୀ ସୂଚୀ ପ୍ରସ୍ତୁତି ତତ୍ତ୍ୱ ଦୁଇ ସ୍ତରୀୟ ଅଟେ ।

୧) ଗଣମାଧ୍ୟମ ବସ୍ତୁ ବା ପ୍ରସଙ୍ଗ ମନୋନୀତ କରି ଜନସାଧାରଣଙ୍କୁ ପ୍ରଭାବିତ କରିଥାଏ ।

୨) ଏ ସମ୍ପର୍କରେ ଜନସାଧାରଣ କିପରି ଭାବିବା ଉଚିତ୍ ତାହା ଗଣମାଧ୍ୟମ ନିଷ୍ପତ୍ତି ନେଇଥାଏ ।

ରାଜନୈତିକ ବିଜ୍ଞାପନ, ପ୍ରଚାର, ବ୍ୟବସାୟିକ ଖବର, ଲୋକସମ୍ପର୍କ ଆଦିରେ ସୂଚୀ ପ୍ରସ୍ତୁତି ତତ୍ତ୍ୱର ଉପଯୋଗ କରାଯାଇଥାଏ । ସୂଚୀ ପ୍ରସ୍ତୁତି ତତ୍ତ୍ୱର ମୁଖ୍ୟ ଚିନ୍ତାଧାରା ହେଉଛି ଜଗୁଆଳି କାର୍ଯ୍ୟ । ଗଣମାଧ୍ୟମରେ ଆଲୋଚିତ ହେଉଥିବା ବିଷୟ ମନୋନୟନକୁ ଜଗୁଆଳି କାର୍ଯ୍ୟ ଦ୍ୱାରା ନିୟନ୍ତ୍ରଣ କରାଯାଇଥାଏ । ମୁଖ୍ୟତଃ ସମ୍ପାଦକ, ପରିଚାଳକ, ବାହ୍ୟ ପ୍ରଭାବ ଜଗୁଆଳି କାର୍ଯ୍ୟ କରିଥାନ୍ତି । ବାହ୍ୟ ପ୍ରଭାବ ମଧ୍ୟରେ ସରକାରୀ ଅଧିକାରୀ, ଅଣଗଣମାଧ୍ୟମ ସୂତ୍ର ଓ ଉଚ୍ଚ ପ୍ରଭାବଶାଳୀ ବ୍ୟକ୍ତିବିଶେଷ ଅନ୍ତର୍ଭୁକ୍ତ ।

## ପ୍ରାଥମିକତା :




ତତ୍ତ୍ୱର ସଂଶୋଧିତ ମତ ଅନୁଯାୟୀ 'କିପରି ଏବଂ କେଉଁ ସମ୍ପର୍କରେ ଚିନ୍ତା କରିବା' ତାହା ଆମକୁ ଗଣମାଧ୍ୟମ ଜଣାଇଥାଏ । ସରଳ ଭାଷାରେ କହିଲେ ଜନସାଧାରଣ ଗୁରୁତ୍ୱପୂର୍ଣ୍ଣ ସୂଚନା ମନେ କରିବା ଭଳି କେତେକ ଘଟଣାକୁ ଗଣମାଧ୍ୟମ ସର୍ବାଧିକ ଗୁରୁତ୍ୱ ଦେଇଥାନ୍ତି । ମୁଖ୍ୟ ଶିରୋନାମା, ସ୍ୱତନ୍ତ୍ର ପ୍ରବନ୍ଧ, ଆଲୋଚନା, କଥୋପକଥନ, ବିଶେଷଜ୍ଞ ମତାମତ ଆଦି ପ୍ରାଥମିକତା ସମୟରେ ଉପଯୋଗ କରାଯାଇଥାଏ ।

**ପ୍ରସ୍ତୁତି :**

୧୯୯୦ ଦଶକ ମଧ୍ୟଭାଗ ସୁଦ୍ଧା ପ୍ରସ୍ତୁତି ତତ୍ତ୍ୱର ଉଦ୍ଭବ ଘଟିଲା । ଏଥିରେ ବିଶେଷଜ୍ଞମାନେ ଯୁକ୍ତି ଦର୍ଶାଇଲେ ଯେ ଆମେ ଯାହା ଭାବୁ ତାହା ଗଣମାଧ୍ୟମ ଦ୍ୱାରା ପ୍ରଭାବିତ ହୋଇଥାଏ । ଏହି ପ୍ରକ୍ରିୟାକୁ ପ୍ରସ୍ତୁତି ବୋଲି କୁହାଗଲା । ଜେମସ୍ ଟାଙ୍କାର୍ଡଙ୍କ ମତରେ ଗଣମାଧ୍ୟମ ପ୍ରସ୍ତୁତି ହେଉଛି 'ଖବର ବିଷୟବସ୍ତୁ ପାଇଁ କେନ୍ଦ୍ରୀଭୂତ ଭାବେ ସଂଗଠିତ ଚିନ୍ତାଧାରା' । କ'ଣ ମନୋନୟନ କରାଗଲା, କ'ଣ ବାଦ ଦିଆଗଲା, କାହା ପ୍ରତି ଗୁରୁତ୍ୱ ଦିଆଗଲା ଆଦି ପ୍ରସ୍ତୁତି ପ୍ରକ୍ରିୟାରେ ନିର୍ଦ୍ଧାରିତ ହୋଇଥାଏ । ସଂକ୍ଷେପରେ କହିଲେ ଖବର ସଂକ୍ଷିପ୍ତରେ ବିଶ୍ୱକୁ ପରିପ୍ରକାଶ କରେ । ଜନସାଧାରଣ ନିର୍ଦ୍ଦିଷ୍ଟ ଖବର ପ୍ରତି କି ପ୍ରକାର ଗୁରୁତ୍ୱ ପ୍ରଦାନ କରନ୍ତି ତାହା ପ୍ରସ୍ତୁତି ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ । ଖବର ସନ୍ତ୍ରାସବାଦୀ ଆକ୍ରମଣ ସଂକ୍ରାନ୍ତ ହୋଇପାରେ ବା କ୍ରୀଡ଼ାରେ ବିଜୟ ଓ ପରାଜୟର ହୋଇପାରେ। ଜନସାଧାରଣଙ୍କ ଚିନ୍ତାଧାରା ଅନୁଯାୟୀ ଗଣମାଧ୍ୟମ ଖବର ପ୍ରସ୍ତୁତି କରିଥାଏ । ଉଦାହରଣ ସ୍ୱରୂପ ଭାରତ-ପାକ୍ ପ୍ରସଙ୍ଗରେ ଭିନ୍ନଭିନ୍ନ ଗଣମାଧ୍ୟମ ଭିନ୍ନ ଭାବେ ଖବର ପ୍ରସ୍ତୁତି କରିଥାନ୍ତି ।

**ଉଦାହରଣ :**

କ୍ଲିଣ୍ଟନ ଅପବାଦ (ଆନ୍ତର୍ଜାତିକ ଖବର), କୋଲଗେଟ୍ ଦୁର୍ନୀତି (ଜାତୀୟ ଖବର) ଆଦି ପ୍ରମୁଖ ଉଦାହରଣ। ଆମେରିକାର ପୂର୍ବତନ ରାଷ୍ଟ୍ରପତି ବିଲ କ୍ଲିଣ୍ଟନ ଓ ହ୍ୱାଇଟ ହାଉସ ଶିକ୍ଷାନବୀଶଙ୍କ ମୋନିକା ଲ୍ୱିନେସ୍କିଙ୍କ ମଧ୍ୟରେ ଯୌନ କେଲେଙ୍କାରୀ ଏକ ଚାଞ୍ଚଲ୍ୟକର ଖବର ଭାବେ ଦୀର୍ଘ ବର୍ଷ ଧରି ଗଣମାଧ୍ୟମ ସ୍ଥାନ ମଣ୍ଡନ କରିଥିଲା । ଦର୍ଘ ଦିନଧରି ଏହା ଅଗ୍ରାଧିକାର ସମ୍ବାଦ ହୋଇ ରହିଲା । ପରେ କ୍ଲିଣ୍ଟନ ଏଥିରୁ ଦୋଷମୁକ୍ତ ହୋଇଥିଲେ ।

ଦେଶରେ କୋଇଲା ଖଣିକୁ ନେଇ ଏକ ବଡ଼ ଦୁର୍ନୀତି ଲୋକଲୋଚନକୁ ଆସିଥିଲା । ପୂର୍ବତନ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରଶାସନ ଏହାର ଅଂଶବିଶେଷ ଥିଲେ । ଏହି ଦୁର୍ନୀତିର ଚେର ଗଭୀର ଥିଲା । ଏହାର ତଦନ୍ତରେ ସରକାର ଓ ସରକାରୀ ଅଧିକାରୀଙ୍କୁ ଜଡ଼ିତ କରାଗଲା । ଏହି ଖବର ବ୍ୟାପକ ପ୍ରଚାରିତ ହେଲା । ଗଣମାଧ୍ୟମ ଏହି ଖବରକୁ ଦୀର୍ଘଦନ ଧରି ଅଗ୍ରାଧିକାର ଦେଇ ଚାଞ୍ଚଲ୍ୟକର ଭାବେ ପ୍ରକାଶ କରିଥିଲେ।

**ମୂଳ ପରିକଳ୍ପନା :**

ପ୍ରସ୍ତୁତି କାର୍ଯ୍ୟସୂଚୀ ଦ୍ୱାରା ଗଣମାଧ୍ୟମରେ ପ୍ରକାଶିତ ପ୍ରମୁଖ ପ୍ରସଙ୍ଗ ସମ୍ପର୍କରେ ଜନସଚେତନତା ଓ ଉଦ୍‌ବେଗ ପ୍ରକାଶ ପାଇଥାଏ । ସୂଚୀ ପ୍ରଣୟନର ଦୁଇଟି ମୌଳିକ ପରିକଳ୍ପନାକୁ ଗବେଷକମାନେ ସ୍ୱୀକାର କରିଥାନ୍ତି । ପ୍ରଥମଟି ହେଲା ଗଣମାଧ୍ୟମ ବାସ୍ତବତାର ପ୍ରତିଫଳନ କରି ନ ଥାଏ, ଏହା ଘଟଣାକୁ ଶୋଧନ କରି ଏକ ରୂପ ଦେଇଥାଏ । କେତେକ ବିଷୟ ବା ପ୍ରସଙ୍ଗକୁ ଗଣମାଧ୍ୟମ ଏଭଳି ଭାବେ ପ୍ରକାଶ କରିଥାନ୍ତି ଯେ, ଯାହାଦ୍ୱାରା ଅନ୍ୟ ପ୍ରସଙ୍ଗଠାରୁ ଏହା ଗୁରୁତ୍ୱପୂର୍ଣ୍ଣ ବୋଲି ଜନସାଧାରଣ ଧରିନେଇଥାନ୍ତି । ବିଭିନ୍ନ ଗଣମାଧ୍ୟମର ଭିନ୍ନଭିନ୍ନ ସୂଚୀ ପ୍ରସ୍ତୁତି ବ୍ୟବସ୍ଥା ରହିଥାଏ । ସୂଚୀ ପ୍ରସ୍ତୁତି ତତ୍ତ୍ୱରୁ ଆମେ ଗଣମାଧ୍ୟମର ପ୍ରଭାବିତ କରିବା ଶକ୍ତି (ଉଦାହରଣ ସ୍ୱରୂପ ରାଜନୈତିକ ଯୋଗାଯୋଗ) ସମ୍ପର୍କରେ ବୁଝିପାରିବା ।

**ସୂଚୀ ପ୍ରଣୟନ ତତ୍ତ୍ୱର ବିଶ୍ଳେଷଣ :**

- ଯେକୌଣସି ଗଣମାଧ୍ୟମର ସୂଚୀ ପ୍ରଣୟନ ପରିମାପ କରିବା କଷ୍ଟକର ।
- ସର୍ବେକ୍ଷଣ ଓ ଅନୁଧ୍ୟାନ ବ୍ୟାପକ ଅଟେ, ଏହା ସଠିକ୍ ନୁହେଁ । ଏଥିରେ ଥିବା ଅନେକ ଭିନ୍ନତାକୁ ବିଚାରକୁ ନେବାକୁ ପଡ଼ିଥାଏ ।
- ଗଣମାଧ୍ୟମ ସଂଖ୍ୟାରେ ବୃଦ୍ଧି ଯୋଗୁ ଗୋଟିଏ ଖବରକୁ ବିଭିନ୍ନ ଦୃଷ୍ଟିକୋଣରୁ ଜନସାଧାରଣ ପଢ଼ିବା ପାଇଁ ଏବେ ସୁଯୋଗ ପାଇପାରୁଛନ୍ତି ।
- ବର୍ତ୍ତମାନର ଗଣମାଧ୍ୟମ ଦୁଇପାଖିଆ ଯୋଗାଯୋଗ ବ୍ୟବସ୍ଥା ଉପଯୋଗ କରୁଛନ୍ତି ଯାହା ଏହି ତତ୍ତ୍ୱ ପ୍ରଣୟନ ପୂର୍ବରୁ ସମ୍ଭବ ନ ଥିଲା ।
- ଜନସାଧାରଣ ପୁଙ୍ଖାନୁପୁଙ୍ଖ ବିବରଣୀ ପ୍ରତି ଦୃଷ୍ଟି ନ ଦେଇ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଛାଣି ଦେଇଥାନ୍ତି । ଏହାଦ୍ୱାରା ଭୁଲ ବୁଝାମଣା ସୃଷ୍ଟି ହୋଇପାରେ ।
- ସ୍ଥିର ମାନସିକତା ବ୍ୟକ୍ତିବିଶେଷଙ୍କ ପାଇଁ ଗଣମାଧ୍ୟମ ପ୍ରଭାବର କୌଣସି ମୂଲ୍ୟ ନ ଥାଏ ।

## ୩.୪ ସ୍ପାଇରାଲ ଅଫ ସାଇଲେନ୍‌ସ ତତ୍ତ୍ୱ

୧୯୮୦ ଦଶକରେ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖାଦେଇଥିଲା । ଦୀର୍ଘ ଦୁଇ ମାସର ନିର୍ବାଚନ ପ୍ରଚାର ଅଭିଯାନରେ ରାଷ୍ଟ୍ରପତି ଜିମି କାର୍ଟର ଓ ବିରୋଧୀ ନେତା ରୋନାଲ୍ଡ ରିଗାନଙ୍କ ମଧ୍ୟରେ ପ୍ରବଳ ଅଭିଯୋଗ ଓ ପ୍ରତିଅଭିଯୋଗ ଦେଖା ଦେଇଥିଲା । ଜର୍ମାନୀ ମେଞ୍ଜ ବିଶ୍ୱବିଦ୍ୟାଳୟ ଯୋଗାଯୋଗ ଗବେଷକ ପ୍ରଫେସର ଏଲିଜାବେଥ୍ ନୋଏଲ ନ୍ୟୁମ୍ୟାନଙ୍କ ମତରେ ଏହି ନିର୍ବାଚନ ଅଭିଯାନ ସମୟରେ ଜନମତ ଆକଳନକାରୀ ତ୍ରୁଟିପୂର୍ଣ୍ଣ ପ୍ରଶ୍ନ ପଚାରିଥିଲେ । 'ତୁମେ କାହାକୁ ଭୋଟ ଦେବା ପାଇଁ ଯୋଜନା କରିଛ' ପ୍ରଶ୍ନ କରିବା ପରିବର୍ତ୍ତେ 'ନିର୍ବାଚନରେ କିଏ ବିଜୟୀ ହେବ ଭାବୁଛ' ବୋଲି ପ୍ରଶ୍ନ କରାଯିବାର ଥିଲା ବୋଲି ଯେ କହିଛନ୍ତି । ଏହି ପ୍ରଶ୍ନ ଦ୍ୱାରା ସେମାନେ ଭୋଟରଙ୍କ ପସନ୍ଦ ଉଭୟଙ୍କ ପାଇଁ ସମାନ ଥିବା ସତ୍ତ୍ୱେ ରିଗାନଙ୍କ ବିଜୟ ଆଶା ଦିନକୁ ଦିନ ବୃଦ୍ଧି ପାଉଥିବା ଜାଣି ପାରିଥାନ୍ତେ । କାର୍ଟରଙ୍କ କ୍ଷେତ୍ରରେ ଡେମୋକ୍ରାଟିକ ଆକଳନକାରୀ ପ୍ୟାଟ ୱାଡେଲ ମତଦାନ ପୂର୍ବ ରାତିରେ ରାଷ୍ଟ୍ରପତିଙ୍କ ନିକଟକୁ ଯାଇ ପ୍ରତିଦ୍ୱନ୍ଦ୍ୱିତା ଶେଷ ହୋଇଯାଇଥିବା ଦୁଃଖର ସହ ଜଣାଇଥିଲେ। ଶେଷ ମୁହୂର୍ତ୍ତରେ ବହୁ ସଂଖ୍ୟକ ଭୋଟର ରିଗାନ ସପକ୍ଷରେ ମତ ଦେଇଥିଲେ ।

- ତତ୍ତ୍ୱ ପ୍ରଣେତା : ଜର୍ମାନୀ ମେଞ୍ଜ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନୀ ଏଲିଜାବେଥ୍ ନୋଏଲ - ନ୍ୟୁମ୍ୟାନ (୧୯.୧୨.୧୯୧୬-୨୫.୩.୨୦୧୦) ୧୯୭୪ ମସିହାରେ ସ୍ପାଇରାଲ ଅଫ ସାଇଲେନ୍‌ସ ତତ୍ତ୍ୱର ପ୍ରବର୍ତ୍ତନ କରିଥିଲେ । ୧୯୪୦ ମସିହାରେ ଏକ ନାଜୀ ସମ୍ବାଦପତ୍ର ଦାସ ରିଚ୍‌ରେ ସେ ସାମ୍ବାଦିକ ଭାବେ କାର୍ଯ୍ୟରତ ଥିଲେ । ଏହି ସମ୍ବାଦପତ୍ରରେ ସେ ଅନେକ ପ୍ରବନ୍ଧ ଲେଖିଥିଲେ । ଫ୍ରାଙ୍କଲିନ୍ ଡି ରୁଜଭେଲ୍ଟଙ୍କ ଅଶୋଭନୀୟ ଫଟୋ ପ୍ରକାଶ କରିଥିବାରୁ ୩ ବର୍ଷ ପରେ ୧୯୪୩ ମସିହାରେ ତାଙ୍କୁ କାର୍ଯ୍ୟରୁ ନିଷେଧ

କରାଗଲା । ୧୯୪୭ ମସିହାରେ ନ୍ୟୁମ୍ୟାନ ଓ ତାଙ୍କ ସ୍ୱାମୀ ଜର୍ମାନୀରେ 'ପବ୍ଲିକ ଓପିନିୟନ ଅର୍ଗାଇଜେସନ' ପ୍ରତିଷ୍ଠା କରିଥିଲେ । ୧୯୭୮ରୁ ୧୯୮୦ ମସିହା ପର୍ଯ୍ୟନ୍ତ ସେ 'ୱାର୍ଲଡ ଆସୋସିଏସନ ଫର ପବ୍ଲିକ ଓପିନିୟନ ଅର୍ଗାନାଇଜେନ'ର ସଭାପତି ଥିଲେ । ନାଜି ଶାସନ ସମୟରେ ସେ ଇହୁଦୀ ସମାଜ ସମ୍ପର୍କରେ ଅଧ୍ୟୟନ କରିଥିଲେ । ଇହୁଦୀମାନେ ନିର୍ଯାତିତ ଅବସ୍ଥାରେ ଥିବା ସେ ଜାଣିପାରିଥିଲେ । ଆଡୋଲ୍ଫ ହିଟଲର ସେମାନଙ୍କ ପ୍ରତି ସଂଖ୍ୟାଲଘୁ ଆଚରଣ କରୁଥିଲେ । ତେବେ ସେମାନଙ୍କୁ ବହିଷ୍କାର ବା ଏକଘରିକିଆ କରାଯିବା ଆଶଙ୍କାରେ ଇହୁଦୀମାନେ ନୀରବ ରହୁଥିଲେ ।




*Figure 1. Spiral of Silence*

ନ୍ୟୁମ୍ୟାନଙ୍କ ସ୍ପାଇରାଲ ଅଫ ସାଇଲେନ୍‌ସ ତତ୍ତ୍ୱରେ ଜନମତ ଓ ଏହା କିପରି ସୃଷ୍ଟି ହୋଇଥାଏ ସେ ସମ୍ପର୍କରେ ଜାଣିବା ପାଇଁ ଉଦ୍ୟମ କରାଯାଇଛି । ରାଷ୍ଟ୍ରର ପତନ, ପରାଜୟ, ନିନ୍ଦା ଓ ୧୯୩୦ରୁ ୧୯୪୦ ମସିହା ଧ୍ୱଂସ ପାଇଁ ଦାୟୀ ରହିଥିବା ଏକ ଭୁଲ ରାଜନୈତିକ ଦଳକୁ ଜର୍ମାନବାସୀ ସମର୍ଥନ କରିବା ନେଇ ସେ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ । ମତାମତ ପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବା ଅନୁଭବ କରିବା ପରେ ଜନସାଧାରଣ କିପରି ନୀରବ ରହିଥାନ୍ତି ସେ ସମ୍ପର୍କରେ ସ୍ପାଇରାଲ ଅଫ ସାଇଲେନ୍‌ସ ତତ୍ତ୍ୱରେ ବର୍ଣ୍ଣନା କରାଯାଇଛି । ଗୋଟିଏ ପରିସ୍ଥିତିରେ ମୁହଁ ଖୋଲିଲେ ବହିଷ୍କାର ବା ଏକଘରିକିଆ ହେବାର ଆଶଙ୍କା ରହିଥାଏ । ଏତଦ୍‌ବ୍ୟତୀତ ସେମାନଙ୍କ ମତାମତକୁ ସଂଖ୍ୟାଲଘୁ ଭାବେ ବିବେଚନା କରାଯାଉଛି । ଏହି କାରଣରୁ ସେମାନେ ନୀରବ ରହି ନିଜ ମତାମତ ନିଜ ମଧ୍ୟରେ ରଖିଥାନ୍ତି । ଏହି ପ୍ରକ୍ରିୟାକୁ ସ୍ପାଇରାଲ ଅଫ ସାଇଲେନ୍‌ସ ତତ୍ତ୍ୱ କୁହାଯାଇଥାଏ । ନୋଏଲ - ନ୍ୟୁମ୍ୟାନଙ୍କ ବିଶ୍ଳେଷଣକୁ ନୋବେଲ ଶାନ୍ତି ପୁରସ୍କାର ବିଜୟୀନି ମଦର ଟେରେସା ସମର୍ଥନ କରିଥିଲେ । ଯକ୍ଷ୍ମା ବା କୁଷ୍ଠ ନୁହେଁ; କାହାରି ଦ୍ୱାରା ସମ୍ମାନ ନ ପାଇବା, କେହି ଭଲ ନ ପାଇବା, ସମସ୍ତଙ୍କ ଦ୍ୱାରା ତ୍ୟାଗ ହେବା ଭାବନା ହେଉଛି ବଡ଼ ଦୁରାରୋଗ୍ୟ ।

ଜନମତ କିପରି ବ୍ୟକ୍ତିର କାର୍ଯ୍ୟ ମତକୁ ପ୍ରଭାବିତ କରିଥାଏ, ଜନସାଧାରଣ ନିଜ ମତାମତ, ଭାବନା / ପସନ୍ଦ ଅପ୍ରକାଶିତ ରଖିବାକୁ କାହିଁକି ପସନ୍ଦ କରିଥାନ୍ତି ତାହା ଏହି ମଡେଲରେ ବର୍ଣ୍ଣନା କରାଯାଇଛି । ତିନିଟି ଧାରଣା ଉପରେ ଏହା ପର୍ଯ୍ୟବେକ୍ଷିତ ।

୧) ଜନସାଧାରଣଙ୍କ ଅର୍ଦ୍ଧଚେତନ ଅଙ୍ଗ (ଷଷ୍ଠ ଇନ୍ଦ୍ରିୟ) ରହିଥାଏ ଯାହା ମତାମତ ପରିବେଶକୁ ବାରିପାରେ। ବିଜ୍ଞାନ ମଣିଷ ଶରୀରରେ ୫ଟି ଜ୍ଞାନେନ୍ଦ୍ରୀୟ ଅବସ୍ଥାପିତ କରିଛି । ଏହାଦ୍ୱାରା ଆମେ ପରିବେଶକୁ ଜାଣିପାରିବା। ଏଗୁଡ଼ିକ ହେଲା ଆଖି ଦ୍ୱାରା ଦର୍ଶନ କରିପାରିବା, କାନ ଦ୍ୱାରା ଶ୍ରବଣ କରିପାରିବା, ଜିଭ ଦ୍ୱାରା ସ୍ୱାଦ ବାରିପାରିବା, ନାକ ଦ୍ୱାରା ଘ୍ରାଣ ଓ ଚର୍ମ ଦ୍ୱାରା ସ୍ପର୍ଶ ବାରିପାରିବା । କିନ୍ତୁ ଅର୍ଦ୍ଧଚେତନ ଅଙ୍ଗ ବା ଷଷ୍ଠ ଇନ୍ଦ୍ରିୟ ସାଧାରଣ ଚିନ୍ତା ଓ ଭାବନାର ସହ ବିଭିନ୍ନ ସାମାଜିକ ସୂଚନା ସମ୍ପର୍କରେ ବାରିପାରେ । ଟେଲିଭିଜନର ଆଣ୍ଟିନା ପରି ଏହା ଜନସାଧାରଣଙ୍କ ମଧ୍ୟରେ କାର୍ଯ୍ୟ କରିଥାଏ ।

୨) ଏକଘରିକିଆର ଭୟ, କେଉଁ ଆଚରଣ ଯୋଗୁ ସାମାଜିକ ଏକଘରିକିଆ ହେବାର ସମ୍ଭାବନା ରହିଛି ତାହା ଜାଣିବା ପରେ ସ୍ପାଇରାଲ ଅଫ୍ ଲାଇଲେନ୍‌ସ ବା ନୀରବ ଘୂର୍ଣ୍ଣନର ସୃଷ୍ଟି ହୋଇଥାଏ । ଲୋକପ୍ରିୟତା ବା ସମ୍ମାନ ହରାଇବା ଆଶଙ୍କା ଏବଂ ଏକଘରିକିଆ ଅବସ୍ଥା ଏଡ଼ାଇବା ପାଇଁ ଜନସାଧାରଣ ସେମାନଙ୍କ ପରିବେଶକୁ ଅତି ପାଖରୁ ନିରୀକ୍ଷଣ କରିଥାନ୍ତି । ସେମାନେ ଜାଣିବାକୁ ଚେଷ୍ଟା କରନ୍ତି ଯେ କେଉଁ ମତାମତ ବା କେଉଁ ପ୍ରକାର ଆଚରଣ ସମାଜରେ ଅଧିକ ପ୍ରଚଳିତ ଏବଂ କେଉଁଟି ଲୋକପ୍ରିୟ ନୁହେଁ । ପରିବେଶ ଓ ଜନମତକୁ ଚାହିଁ ସେମାନେ ନିଜର ଆଚରଣ ପ୍ରଦର୍ଶନ କରିଥାନ୍ତି ବା ନିଜକୁ ପରିପ୍ରକାଶ କରିଥାନ୍ତି ।

୩) ନିଜ ମତାମତ କାଳେ ଅଗ୍ରାହ୍ୟ ହୋଇଯିବ ବା ଏହାକୁ ନକାରାତ୍ମକ ଦୃଷ୍ଟିକୋଣରୁ ଦେଖାଯିବ ସେହି ଭୟରେ କିଛି ବ୍ୟକ୍ତି ମତାମତ ପ୍ରଦାନ କରିବାରୁ କ୍ଷାନ୍ତ ରହିଥାନ୍ତି । ସମାଜ ବା ପରିବେଶ ଦ୍ୱାରା ସେମାନେ ଅଗ୍ରାହ୍ୟ କିମ୍ବା ଏକଘରିକିଆ ହେବା ଆଶଙ୍କା ଜନସାଧାରଣଙ୍କ ମନରେ ରହିଥାଏ ।

ଉଦାହରଣ :

ଏକ ସଂସ୍ଥାରେ ଯେତେବେଳେ ଏକ ନୂଆ ନିୟମାବଳୀ କରାଯାଏ ସେତେବେଳେ କର୍ମଚାରୀ ଏହାର ପ୍ରତିବାଦ କଲେ ମଧ୍ୟ ବହୁ କର୍ମଚାରୀ ଏଥିସହ ଏକମତ ହୋଇଥାନ୍ତି । ସନ୍ତୁଷ୍ଟ ନ ଥିଲେ ମଧ୍ୟ ଖୋଲାଖୋଲି ଭାବେ ସେମାନେ ଏହାର ବିରୋଧ କରିପାରନ୍ତି ନାହିଁ । ନିମ୍ନରେ ଏହା ଦିଆଗଲା ।

୧) ସେମାନେ ପୂର୍ଣ୍ଣ ସମର୍ଥନ ପାଇ ନ ପାରନ୍ତି ।

୨) ଚାକିରିରୁ ବହିଷ୍କାର କରାଯିବା ପରି ଦଣ୍ଡର ଭୟ ।

୩) ଚାକିରି ବଞ୍ଚାଇବା ପାଇଁ ସେମାନେ ଖୋଲାଖୋଲି ମତପ୍ରକାଶରୁ ଦୂରେଇ ରହିଥାନ୍ତି ବା ମତକୁ ଚାପି ରଖିଥାନ୍ତି।

**ମୂଳ ପରିକଳ୍ପନା :**

ସାମ୍ପ୍ରତିକ ବିଶ୍ୱରେ ଗଣମାଧ୍ୟମ ଓ ଗଣମାଧ୍ୟମ ପ୍ରଯୁକ୍ତି ସଂଖ୍ୟାଲଘୁଙ୍କ ମତକୁ ଏକ ନୂଆ ଧାରାରେ ଆକ୍ରାନ୍ତ କରୁଛି । ନ୍ୟୁମ୍ୟାନଙ୍କ ମତରେ ସ୍ପାଇରାଲ ଅଫ ସାଇଲେନ୍‌ସରେ ଗଣମାଧ୍ୟମ ସଂଖ୍ୟାଲଘୁଙ୍କର ନିରବତାକୁ ତ୍ୱରାନ୍ୱିତ କରୁଛି । ପ୍ରତ୍ୟେକ ମଣିଷଙ୍କର ଅର୍ଦ୍ଧଚେତନ ଅଙ୍ଗ ରହିଛି ଯାହାଦ୍ୱାରା ସେମାନେ ଦୃଷ୍ଟିଭଙ୍ଗୀର ପରିବେଶକୁ ବିଶ୍ଳେଷଣ କରିପାରିଥାନ୍ତି । କିନ୍ତୁ ମୁଦ୍ରିତ ଓ ଇଲେକଟ୍ରୋନିକ୍‌ସ ଗଣମାଧ୍ୟମ ପ୍ରଦାନ କରୁଥିବା ବିଶ୍ୱବ୍ୟାପୀ ସୂଚନାରେ ଦୃଷ୍ଟିଭଙ୍ଗୀର ପରିବେଶ ସୃଷ୍ଟି କରୁଛନ୍ତି ।

ତେଣୁ ଆମେ ବିଶ୍ୱାସ କରୁ ଯେ ବ୍ୟକ୍ତିଗତ ପ୍ରତିବାସ ସତ୍ତ୍ୱେ ଗଣମାଧ୍ୟମ ସଂଖ୍ୟାଧିକ ମତାମତକୁ ପ୍ରତିଫଳିତ କରିବା ସହ ଏହାକୁ ଅନୁସରଣ କରିଥାଏ । ୧୯୯୧ ମସିହା ଉପସାଗରୀୟ ଯୁଦ୍ଧରେ ଆମେରିକାକୁ ସଂଖ୍ୟାଧିକ ସମର୍ଥନ କରିଥିଲେ । ଏ କ୍ଷେତ୍ରରେ କିଛି ଚେତନଶୀଳ ଦୃଷ୍ଟିକୋଣ ହେଉ ବା ଗଣମାଧ୍ୟମ ପ୍ରକାଶନ ହେଉ ଯାହା ସ୍ପାଇରାଲ ଅଫ ସାଇଲେନ୍‌ସ ପାଇଁ ଖୋରାକ ଯୋଗାଇଥିଲା । ଫଳରେ ଯୁଦ୍ଧ ବିରୋଧୀ ମତବାଦ ନ୍ୟୂନ ହୋଇଯାଇଥିଲା । ଏ ସମ୍ପର୍କରେ ଏକ ସର୍ବେକ୍ଷଣରୁ ଜଣାପଡ଼ିଥିଲା ଯେ ଯେଉଁମାନଙ୍କୁ ଏହି ଯୁଦ୍ଧ ସମ୍ପର୍କରେ ସିଧାସଳଖ ପ୍ରଶ୍ନ ପଚାରାଯାଇଥିଲା ସେମାନେ ଏହି ଯୁଦ୍ଧକୁ କମ୍ ସମର୍ଥନ କରିଥିଲେ । କିନ୍ତୁ ଯେତେବେଳେ ଏହି ବ୍ୟକ୍ତିମାନଙ୍କୁ ଗଣମାଧ୍ୟମ ସମ୍ମୁଖରେ ପ୍ରଶ୍ନ କରାଯାଇଥିଲା ସେମାନେ ଯୁଦ୍ଧ ପ୍ରତି କେତେକାଂଶରେ ସମର୍ଥନ ଜଣାଇଥିଲେ । ଏହି ସମୟରେ ଯେଉଁମାନେ ଟେଲିଭିଜନ ଦେଖୁଥିଲେ ସେମାନଙ୍କ ମନରେ ଧାରଣା ହେଲା ଯେ ସଂଖ୍ୟାଧିକ ଜନତା ଯୁଦ୍ଧ ପ୍ରତି ସମର୍ଥନ ଜ୍ଞାପନ କରୁଛନ୍ତି । ଫଳରେ ସେମାନେ ମଧ୍ୟ ଏହି ଧାରାରେ ଚାଲିଲେ।

**ସ୍ପାଇରାଲ ଅଫ ସାଇଲେନ୍‌ସ ଓ ନବ୍ୟ ଗଣମାଧ୍ୟମ :**

ସାମ୍ପ୍ରତିକ ସାମାଜିକ ଗଣମାଧ୍ୟମ ସାଇଟ ସମେତ ଇଣ୍ଟରନେଟ୍ ବା ନବ୍ୟ ଗଣମାଧ୍ୟମ ଯୁଗରେ ଜନସାଧାରଣ ବ୍ୟକ୍ତିଗତ ଭାବେ ନିଜ ମତାମତ ପ୍ରକାଶ କରିବାର ସୁଯୋଗ ପାଇପାରୁଛନ୍ତି । ଏହି ମଞ୍ଚରେ ସଂଖ୍ୟାଧିକ ମତ ସହ ସହମତ ନ ହୋଇ ମଧ୍ୟ ଜନସାଧାରଣ ବ୍ୟକ୍ତିଗତ ସ୍ତରରେ ନିଜ ମତାମତ ପ୍ରକାଶ କରିପାରୁଛନ୍ତି । ତେବେ ପ୍ରତ୍ୟାଖ୍ୟାତ ହେବା ଆଶଙ୍କାରେ କିଛି ବ୍ୟକ୍ତି ଏହି ମଞ୍ଚ ଉପଯୋଗ କରିବାକୁ ସହଜ ଅନୁଭବ କରୁନାହାନ୍ତି । ଫୋର୍ବସ୍ ପ୍ରକାଶିତ ମିଚେଲ ହିକିନ୍‌ସଙ୍କ ଏକ ପ୍ରବନ୍ଧ ଅନୁଯାୟୀ ଅନ୍‌ଲାଇନରେ ଜନସାଧାରଣ ଏକ ପ୍ରତିଧ୍ୱନି ଅଳିନ୍ଦରେ ରହିଥାନ୍ତି । ଟାଇମଲାଇନରେ ଆମେ ଦେଖୁଥିବା ମତାମତ ଆମ ନିଜସ୍ୱ ବିଶ୍ୱାସକୁ ପ୍ରତିଫଳିତ କରିଥାଏ । ତେବେ ଜନସାଧାରଣ ଯାହା ଚାହୁଁଛନ୍ତି ତାହା ସାମାଜିକ ଗଣମାଧ୍ୟମରେ ବାରମ୍ବାର ଜନସାଧାରଣଙ୍କୁ ପ୍ରଦର୍ଶନ କରାଗଲେ ପ୍ରତିଧ୍ୱନି ଅଳିନ୍ଦ ଗତିଶୀଳ ହୋଇଥାଏ । ସାମାଜିକ ଗଣମାଧ୍ୟମରେ ଭିନ୍ନ ମତାମତକୁ ସୁଯୋଗ ନ ଦେବାକୁ ଯାଇ ସ୍ପାଇରାଲ ଅଫ ସାଇଲେନ୍‌ସ ଓ ପ୍ରତିଧ୍ୱନି ଅଳିନ୍ଦ ମଧ୍ୟରେ ସଂଘର୍ଷ ଘଟେ । ଏଠାରେ ଉଚ୍ଚତମ ସ୍ୱର ବାସ୍ତବ ସଂଖ୍ୟାଧିକ ମତକୁ ପ୍ରତିଫଳିତ କରି ନ ପାରେ । ଲୋକପ୍ରିୟ ମତାମତ ସଂଖ୍ୟାଧିକ ମତାମତକୁ ଯେ ପ୍ରତିଫଳିତ କରେ ନାହିଁ ତାହାର ଉଦାହରଣ ହେଲା ୨୦୧୬ ମସିହା ଆମେରିକା ନିର୍ବାଚନ ।

**ସ୍ପାଇରାଲ ଅଫ ସାଇଲେନ୍‌ସ ତତ୍ତ୍ୱର ବିଶ୍ଳେଷଣ :**

- ଲଜ୍ଜାହୀନ ଓ ଅଧିକ ଆତ୍ମବିଶ୍ୱାସୀ ବ୍ୟକ୍ତି ସଂଖ୍ୟାଲଘୁ ଗୋଷ୍ଠୀ ଅନ୍ତର୍ଭୁକ୍ତ ଥିଲେ ମଧ୍ୟ ଯାଇ ଇଚ୍ଛା ତାହା କହିପାରନ୍ତି ।
- ଜନସାଧାରଣଙ୍କ ମନରେ ନିଜ ପରିବାର, ବନ୍ଧୁବାନ୍ଧବ ଆଦି ନିକଟବର୍ତ୍ତୀ କ୍ଷୁଦ୍ର ସାମାଜିକ ପରିସରରୁ ବାସନ୍ଦ ହେବାର ଭୟ ।
- ନିଜ ମତ ସହ ସହମତ ହେଉଥିବା ଏକ ଗୋଷ୍ଠୀର ଜନସାଧାରଣଙ୍କ ତଲାସୀ ।
- ଯେକୌଣସି ବିଷୟ ବିରୋଧରେ କହିବା ପାଇଁ ଆବଶ୍ୟକ ଆଚରଣ ସଂସ୍କୃତି ଦ୍ୱାରା ଗଭୀର ଭାବେ ପ୍ରଭାବିତ ହୋଇଥାଏ । ବ୍ୟକ୍ତିଗତ ସଂସ୍କୃତିରେ କହିବାର ସ୍ୱାଧୀନତା ରହିଥାଏ କିନ୍ତୁ ସାମୂହିକ ସଂସ୍କୃତି ଗୋଷ୍ଠୀର ଅନୁମୋଦନ ଆବଶ୍ୟକ କରିଥାଏ ।

## ୩.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧) ସ୍ପାଇରାଲ ଅଫ ସାଇଲେନ୍‌ସ ମଧ୍ୟରେ ବିଲୀନ ହୋଇଯାଇଥିବା ଆମ ସମାଜର କେତେକ ପ୍ରସଙ୍ଗ ତୁମେ ଚିହ୍ନଟ କରିପାରିବ କି ? ଏହି ପ୍ରସଙ୍ଗଗୁଡ଼ିକୁ କିପରି ଲୋକଲୋଚନକୁ ଅଣାଯାଇପାରିବ ବୋଲି ଭାବୁଛ ।

୨) ସୂଚୀ ପ୍ରସ୍ତୁତି ସମୟରେ ଜଗୁଆଳିର ଭୂମିକା ସମ୍ପର୍କରେ ବର୍ଣ୍ଣନା କର ?

୩) ପ୍ରାଥମିକତା କିପରି ଭାବେ ପ୍ରସ୍ତୁତିଠାରୁ ଭିନ୍ନ ?

# ଚତୁର୍ଥ ଏକକ : ଆହରଣ ତତ୍ତ୍ୱ

ବିଷୟ ଗଠନ :

୪.୧ ପଠନର ଉଦ୍ଦେଶ୍ୟ
୪.୨ ଉପକ୍ରମଣିକା
୪.୩ ଆହରଣ ତତ୍ତ୍ୱ
୪.୪ ଆହରଣ ବିଶ୍ଳେଷଣ
୪.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

## ୪.୧ ପଠନର ଉଦ୍ଦେଶ୍ୟ

ଏହି ଅଧ୍ୟାୟ ସମାପ୍ତ ପରେ ବିଦ୍ୟାର୍ଥୀ ନିମ୍ନ ବିଷୟରେ ଅବଗତ ହୋଇପାରିବେ:

- ଆହରଣ ତତ୍ତ୍ୱର ମୁଖ୍ୟ ମତବାଦ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଧାରଣା ।
- ଆହରଣ ତତ୍ତ୍ୱର ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟିକୋଣ ସମ୍ପର୍କରେ ଅବଗତ ।

## ୪.୨ ଉପକ୍ରମଣିକା

ଆମ ସମାଜରେ ଟେଲିଭିଜନର ଭୂମିକା ବ୍ୟାପକ । ଟେଲିଭିଜନ ଜରିଆରେ ଜନସାଧାରଣ ବାସ୍ତବ ଚିତ୍ର ପାଇପାରିଥାନ୍ତି । କ୍ରୀଡ଼ା, ଚଳଚ୍ଚିତ୍ର ଓ ସୂଚନା ପାଇଁ ଏହା ଏକ ବାସ୍ତବିକ ପରିବେଶ ସୃଷ୍ଟି କରିଥାଏ । ଟେଲିଭିଜନ ଆମ ପାଇଁ ଏକ ଦୈନନ୍ଦିନ ଆବଶ୍ୟକତା । କାରଣ ଏକ ବଟମ ଟିପିବା କ୍ଷଣି ଆମେ ଦୁନିଆର ସମସ୍ତ ବିଷୟ ଜାଣିପାରିଥାଉ । କିନ୍ତୁ ଆମେ କେବେ ଭାବିଛୁ କି ଟେଲିଭିଜନ ଦିନେ ନା ଦିନେ ଆମକୁ ରୁଗ୍ଣ କରିଦେବ ? ସବୁ ବିଷୟର ବହୁଳତା ଖରାପ ସାବ୍ୟସ୍ତ ହୋଇଥାଏ । ଟେଲିଭିଜନକୁ ଇଡିୟଟ ବକ୍ସ ବା ନିର୍ବୋଧ ବାକ୍ସ ବୋଲି କୁହାଯାଇଥାଏ । ସୂଚନା ଜାଣିବା ପାଇଁ ଆମେ ଟେଲିଭିଜନ ଦେଖିଥାଉ, କିନ୍ତୁ ଏବେ ଦେଖାଯାଉଛି ଯେ ଟେଲିଭିଜନ ଆମ ସମୟ ନଷ୍ଟ କରୁଛି। ସମାଜ ଉପରେ ଏହାର ନକାରାତ୍ମକ ପ୍ରଭାବ ରହୁଛି । ବାର୍ତ୍ତା ପ୍ରଦାନର ଅନ୍ୟତମ ମାଧ୍ୟମ ଟେଲିଭିଜନର କାର୍ଯ୍ୟଧାରା ଓ ଜନସାଧାରଣଙ୍କ ଉପରେ ଏହାର ପ୍ରଭାବ ସମ୍ପର୍କରେ ଜାଣିବା ପାଇଁ ଆହରଣ ତତ୍ତ୍ୱ ଗବେଷଣାରେ ଉଦ୍ୟମ ହୋଇଛି ।

## ୪.୩ ଆହରଣ ତତ୍ତ୍ୱ

ଆହରଣ ତତ୍ତ୍ୱକୁ ବେଳେବେଳେ ଆହରଣ ପରିକଳ୍ପନା ବା ଆହରଣ ବିଶ୍ଳେଷଣ ଭାବେ ଉଲ୍ଲେଖ କରାଯାଇଥାଏ । ଏ ସମ୍ପର୍କିତ ଏକ ପ୍ରସ୍ତାବ ପେନିସିଲଭାନିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଜର୍ଜ ଗର୍ବର ଓ ଲାରି ଗ୍ରସ୍ ପ୍ରଥମେ ରଖିଥିଲେ । ଟେଲିଭିଜନ ଦର୍ଶକ ଓ ଏହାର ପ୍ରଭାବ ସମ୍ପର୍କରେ ୧୯୬୦ ମସିହାରେ ସେ ଗବେଷଣା ଆରମ୍ଭ କରିଥିଲେ । ଏହା 'ଜର୍ଣ୍ଣାଲ ଅଫ କମ୍ୟୁନିକେସନ'ରେ ୧୯୭୬ ମସିହାରେ ପ୍ରକାଶ ପାଇଥିଲା । ଏହି

ଅନୁଧ୍ୟାନରୁ ଜଣାପଡ଼ିଥିଲା ଯେ ଟେଲିଭିଜନ ଜରିଆରେ ଅତ୍ୟଧିକ ଖବର ଦେଖିବା ଫଳରେ ବାସ୍ତବ ଓ ବସ୍ତୁତଃ ମଧ୍ୟରେ ଥିବା ପାର୍ଥକ୍ୟକୁ ଅସ୍ପଷ୍ଟ ହୋଇଥାଏ । ଦର୍ଶକ ଅଧିକ ହିଂସାତ୍ମକ ବିଷୟବସ୍ତୁ ଦେଖିବା ଫଳରେ ସେମାନେ ମିନ୍ ଓ୍ୱାର୍ଲଡ ସିଣ୍ଡ୍ରମରେ ଆକ୍ରାନ୍ତ ହୋଇଥାନ୍ତି । ଏହି ତତ୍ତ୍ୱ ଅନୁଯାୟୀ ଗଣମାଧ୍ୟମ ବିଶ୍ୱର ଏ ପ୍ରକାର ଛବି ଉପସ୍ଥାପିତ କରନ୍ତି ଯାହା ବାସ୍ତବରେ ନ ଥାଏ । ବାସ୍ତବ ଘଟଣାକୁ ଟେଲିଭିଜନ ରୋମାଞ୍ଚକର ଓ ଅତିରଞ୍ଜିତ ଢଙ୍ଗରେ ଉପସ୍ଥାପିତ କରିଥାଏ । ଅନବରତ ଟେଲିଭିଜନ ଦେଖିବା ଫଳରେ ଦର୍ଶକ ଟିଭିରେ ପ୍ରଦର୍ଶିତ ମୂଲ୍ୟବୋଧ, ବିଶ୍ୱାସଧାରା, ଉଦ୍ଦେଶ୍ୟ ଓ ବ୍ୟକ୍ତି ଚରିତ୍ରକୁ ଆହରଣ କରିଥାନ୍ତି । ଫଳରେ ମଣିଷର ଆଚରଣ ଓ ଚିନ୍ତା ପ୍ରକ୍ରିୟା ତା' ଅଜାଣତରେ ଟେଲିଭିଜନରୁ ଆହରଣ କରିଥିବା ଚିତ୍ର ଓ ଚରିତ୍ର ଅନୁଯାୟୀ ରୂପ ନେଇଥାଏ ।




## ୪.୪ ଆହରଣ ବିଶ୍ଳେଷଣ

ବହୁଳ ଭାବେ ଟିଭି ଦେଖୁଥିବା ବ୍ୟକ୍ତିଙ୍କ ଉପରେ ଅନୁଧ୍ୟାନ କରାଯାଇ ଦେଖାଯାଇଛି ଯେ ଏ ପ୍ରକାର ଦର୍ଶକ ନିଃସଙ୍ଗ ଓ ଅବସାଦଗ୍ରସ୍ତ । ଏମାନଙ୍କ ମନରେ ଏକୁଟିଆ ଓ ଅବିଶ୍ୱାସର ଭାବନା ସୃଷ୍ଟି ହୋଇଥାଏ ଏବଂ ଏ ପୃଥିବୀ ତାଙ୍କ ପାଇଁ ନୁହେଁ ବୋଲି ଧାରଣା ସୃଷ୍ଟି ହୋଇଥାଏ । ଏହା ଏକ ବିଦ୍ୱେଷମୂଳକ ସ୍ଥାନ । ସମାଜକୁ ରୂପ ଦେବାରେ ଟେଲିଭିଜନର କି ପ୍ରକାର ଭୂମିକା ରହିଛି ସେ ସମ୍ପର୍କରେ ଗର୍ବନର ଓ ତାଙ୍କ ସହଯୋଗୀ ଗବେଷଣା କରିଥିଲେ । ଅପରାଧ, ଅସୁବିଧାର ଭୟ, ବୈଷମ୍ୟବାଦ ପ୍ରତି ଦୃଷ୍ଟିକୋଣ, ନିଃସଙ୍ଗ ଅନୁଭବ, ବିବ୍ରତ, ଲିଙ୍ଗଗତ ପାରମ୍ପରିକ ଧାରଣା, ବହୁଳତା, ବୟସ୍କତା, ଆମେରିକୀୟ ପରମ୍ପରା, ନାଗରିକ ସ୍ୱାଧୀନତା, ବିଚ୍ଛେଦ, ବସ୍ତୁବାଦ ଓ ସ୍ୱାସ୍ଥ୍ୟ ପ୍ରସଙ୍ଗରେ ଆହରଣ ବିଶ୍ଳେଷଣର ପ୍ରୟୋଗ କରାଯାଇଥାଏ ।

ନ୍ୟୁକମ୍ବଙ୍କ ମତରେ ଆହରଣ ବିଶ୍ଳେଷଣରେ କେତେକ ସମସ୍ୟା ରହିଛି । ପ୍ରଥମତଃ ପରିପ୍ରକାଶ କରାଯାଉଥିବା ଟେଲିଭିଜନ ଚିନ୍ତାଧାରା ବା ପ୍ରତୀକର ସୃଷ୍ଟି ମାଧ୍ୟମରେ ହୋଇ ନ ଥାଏ । ଉଦାହରଣ ସ୍ୱରୂପ ବିଭିନ୍ନ ବ୍ୟକ୍ତିଙ୍କ ପାଇଁ ହିଂସାର ଅର୍ଥ ଭିନ୍ନଭିନ୍ନ ଅଟେ । ଦ୍ୱିତୀୟତଃ ଟେଲିଭିଜନରେ ଦର୍ଶକ ଯାହା ଦେଖନ୍ତି ତାହାକୁ ବ୍ୟକ୍ତିଗତ ସ୍ତରରେ ଭିନ୍ନଭିନ୍ନ ଅର୍ଥାନ୍ତର କରିବାର ସୁଯୋଗ ଆହରଣ ବିଶ୍ଳେଷଣ ଦେଇ ନ ଥାଏ । ନ୍ୟୁକମ୍ବଙ୍କ ଯୁକ୍ତି ହେଲା ଟେଲିଭିଜନର

ବାର୍ତ୍ତା ହେଉଛି ଏକକ ହୋଇପାରେ ଏବଂ ଏହି ଏକକ ବାର୍ତ୍ତାର ଅର୍ଥ ହିଁ ପ୍ରାଧାନ୍ୟ ବିସ୍ତାର କରିଥାଏ । ଏହାଦ୍ୱାରା ଏକାଧିକ ବ୍ୟକ୍ତି ଗୋଟିଏ ପ୍ରକାର ବାର୍ତ୍ତାକୁ ଗ୍ରହଣ କରିଥାନ୍ତି । ଫଳରେ ସମେସ୍ତ ବାର୍ତ୍ତା ପ୍ରତି ଜଡ଼ିତ ହୋଇପଡ଼ନ୍ତି।

ଅପରାଧ, ହିଂସା, ବିଚ୍ଛେଦ ଆଦି ଘଟଣାର ପ୍ରଦର୍ଶନ ଧାରା ଟେଲିଭିଜନରେ ସମାନ ବୋଲି ଆହରଣ ବିଶ୍ଳେଷଣରେ ଅନୁମାନ କରାଯାଇଥାଏ । କିନ୍ତୁ ଏକାଧିକ ଚ୍ୟାନେଲ ଥିବା ଆଧୁନିକ ସମୟରେ ଏହାକୁ ଏକ ଦୁର୍ବଳ ଅନୁମାନ ଭାବେ ବିବେଚନା କରାଯାଇଥାଏ । ଜନସାଧାରଣଙ୍କ ଜୀବନରେ ଟେଲିଭିଜନ ପ୍ରାଧାନ୍ୟତାର ଚିନ୍ତାଧାରା ସମ୍ପର୍କରେ ଆହରଣ ବିଶ୍ଳେଷଣର ସ୍ପଷ୍ଟୀକରଣ ଦୁର୍ବଳ ଅଟେ ।

ଡବ୍ଲ୍ୟୁ ଜେମ୍‌ସ ପୋର୍ଟରଙ୍କ ମତରେ ଜଣେ ବ୍ୟକ୍ତି ସ୍ୱଳ୍ପ ଟେଲିଭିଜନ ଦେଖୁଥିଲେ ମଧ୍ୟ ଟିଭି ବାର୍ତ୍ତା ଦ୍ୱାରା ସେ ପ୍ରଭାବିତ ହୋଇଥାଏ । ସ୍ୱଳ୍ପ ସମୟ ପାଇଁ ଦେଖିଥିବା ଟେଲିଭିଜନ ବାର୍ତ୍ତାର ଚିନ୍ତାଧାରାକୁ ବ୍ୟକ୍ତି ପାରସ୍ପରିକ କଥୋପକଥନରେ ଉପଯୋଗ କରିଥାଏ। ଏହା ଫଳରେ ସେମାନେ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହୋଇଥାନ୍ତି । ତେଣୁ ଦେଖିବା ଓ ଚିନ୍ତା କରିବାର ସ୍ତର ମଧ୍ୟରେ ଥିବା ସମ୍ପର୍କର ପରିମାପ ଭାବେ ଆହରଣ ବିଶ୍ଳେଷଣ କାର୍ଯ୍ୟ କରିଥାଏ ବୋଲି ତାଙ୍କର ମତ ।



ଫଟୋ : ଜର୍ଜ ଗର୍ବନର୍

**ବିଶ୍ଳେଷଣ :**

ଗତ ଦୁଇ ଦଶନ୍ଧି ଧରି ଗଣଯୋଗାଯୋଗର ପ୍ରଭାବଶାଳୀ ତତ୍ତ୍ୱ ଭାବେ ଆହରଣ ବିଶ୍ଳେଷଣ ରହିଆସିଛି । ସମସାମୟିକ ଗବେଷଣା ପାଇଁ ଏହା ମୂଳଦୁଆ ପକାଇଛି ଓ ଆନ୍ତର୍ଜାତିକ ସାମାଜିକ ଅଭିଯାନରେ ପରିଣତ ହୋଇଛି । ଏହାର ଅନ୍ୟତମ ପ୍ରଭାବ ହେଲା ଏହି ତତ୍ତ୍ୱ ଯେକୌଣସି ବ୍ୟକ୍ତିଙ୍କ ପ୍ରତି ଉପଯୋଗ ହୋଇପାରିବ । ନିଜ ଅଞ୍ଚଳର ସାମାଜିକ ବାସ୍ତବତାକୁ ଅନୁଧ୍ୟାନ କରି ନିଜର ଗଣମାଧ୍ୟମ ଉପଯୋଗ ସମ୍ପର୍କରେ ନିଜେ ମୂଲ୍ୟାୟନ କରିବାକୁ ଏହା ପରାମର୍ଶ ଦେଇଥାଏ ।

## ୪.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧) ନିଜକୁ ଟେଲିଭିଜନର ସ୍ୱଳ୍ପ / ମଧ୍ୟମ / ବହୁଳ ବ୍ୟବହାରୀକାରୀ ଭାବେ ବର୍ଣ୍ଣନା କର । ନିଜ ଅଭ୍ୟାସ ବା ଲକ୍ଷ୍ୟକୁ ରୂପ ଦେବାରେ ଗଣମାଧ୍ୟମ ସହାୟକ ହୋଇଥାଏ କି ?

୨) ଆହରଣ ତତ୍ତ୍ୱର କେତେକ ତ୍ରୁଟି ମଧ୍ୟ ରହିଛି । ଏହି ତତ୍ତ୍ୱର ଗୁରୁତ୍ୱପୂର୍ଣ୍ଣ ତ୍ରୁଟି କ'ଣ ରହିଛି ।